

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 August 2024
Vol.No. 35 ■ No.218 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଅଶାନ୍ତ ବାଂଲାଦେଶରେ ଅସୁରକ୍ଷିତ ସଂଖ୍ୟାଲଘୁ: ଥମୁନି ଦେବାଦେବୀଙ୍କ ମନ୍ଦିରରେ ଲଙ୍କାକାଣ୍ଡ

ନୂଆଦିଲ୍ଲୀ, ୧୨/୮ : ହିଂସା-ହମଲା-ଜୁଲମ୍ । ଅଶାନ୍ତ ବାଂଲାଦେଶରେ ଅସୁରକ୍ଷିତ ସଂଖ୍ୟାଲଘୁ । ଆକ୍ରମଣକାରୀଙ୍କ ନିଶାନାରେ ହିନ୍ଦୁ, ହିନ୍ଦୁ ମାନଙ୍କ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ବିଭିନ୍ନ ଦେବଦେବୀ ମନ୍ଦିର। କେଉଁଠି ଆକ୍ରମଣକାରୀ ନିଆଁ ଲଗାଉଛନ୍ତି ତ କେଉଁଠି ଲଙ୍କାକାଣ୍ଡ ଭିଆଉଛନ୍ତି। ହିନ୍ଦୁଙ୍କୁ ଖୋଜି ଖୋଜି ବର୍ବୋରଚିତ ଜୁଲମ କରୁଛନ୍ତି, ଯାହାର ନୂଆ ନୂଆ ଚିତ୍ର ସାମନାକୁ ଆସିବାରେ ଲାଗିଛି। ସଂରକ୍ଷଣ ବିରୋଧୀ ଉଗ୍ର ଛାତ୍ର ଆନ୍ଦୋଳନର ମୁକାବିଲା କରିନପାରି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡ଼ି ପଳାଇଯିବା ଓ ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱଧୀନ ଅନ୍ତରୀଣ ସରକାର ଶପଥ ନେବା ପରେ ବି ସ୍ଥିତି ନିୟନ୍ତ୍ରଣକୁ ଆଣିପାରୁନି ବାଂଲାଦେଶ ସେନା । ତେଣୁ ବାଧ ହୋଇ ଏଭଳି ସ୍ଥିତିରେ ନିଜ ସୁରକ୍ଷା ଲାଗି ରାସ୍ତାକୁ ଓହ୍ଲାଇଲେଣି ସେଠିକାର ହିନ୍ଦୁ। ସେଭ୍ ବାଂଲାଦେଶ ହିନ୍ଦୁ ସୋସାଇଟି ଓ ଆମାର ସୋନାର୍ ବାଂଲା ବ୍ୟାନରରେ ଶୋଭାଯାତ୍ରା କରି ସୁରକ୍ଷା ମାଗୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାଲଘୁ ହିନ୍ଦୁ। ଅଗଷ୍ଟ ୫ ପରଠୁ ବାଂଲାଦେଶରେ ଉଗ୍ର ହୋଇଛି ରାଜନୈତିକ ଅସ୍ଥିରତା। ସପ୍ତାହକ ଭିତରେ ୫୨ ଜିଲ୍ଲାରେ ହିନ୍ଦୁଙ୍କ ସହ ଖ୍ରୀଷ୍ଟିଆନ୍, ବୌଦ୍ଧ ଓ ଇହୁଦିଙ୍କ ଭଳି ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ୨୦୫ଟି ହିଂସାତ୍ମକ ମାମଲା ସାମ୍ନାକୁ ଆସିଲାଣି। ଶହେରୁ ଅଧିକ ଜୀବନ ବି ଗଲାଣି। ସଂଖ୍ୟାଲଘୁଙ୍କ ଉପରେ ବର୍ବରତାକୁ ଦେଖି ବିଶ୍ୱବ୍ୟାପୀ ଚିନ୍ତା ବଢ଼ିଛି। ବ୍ରିଟେନ୍, କାନାଡ଼ା, ଭାରତ ଓ ଆମେରିକାରେ ବି ଉଠିଛି ବିରୋଧର ସ୍ୱର। ସିଲିଗୁଡ଼ିରେ ରାସ୍ତାରେ ଚାଲିଛି ପ୍ରତିବାଦ। ଓଡ଼ିଶାରେ ବି ବାଂଲାଦେଶୀ ହିନ୍ଦୁଙ୍କ ସୁରକ୍ଷା ଦାବି ହେଲାଣି। ଭଦ୍ରକ, ଖଡ଼ିଆଳ ଓ ମୋହାନାରେ ଲୋକେ ଆନ୍ଦୋଳନ କରିଛନ୍ତି । ତେଣେ ହିନ୍ଦୁଙ୍କ ଉପରେ ଆକ୍ରମଣ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ବାଂଲାଦେଶର ଅନ୍ତରୀଣ ସରକାର। ଶୀଘ୍ର ଶାନ୍ତି ଫେରାଇବା ଦିଗରେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଆଜି ବିଭିନ୍ନ ପକ୍ଷଙ୍କ ସହ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।




## ଅୟସ୍ କରୁଥିଲେ ପୂର୍ବତନ ଯନ୍ତ୍ରୀ: ଘରୁ ମିଳିଲା ହୀରା, ସୁନା, ଦାମୀ କାର ଓ ବିଦେଶୀ ମୁଦ୍ରା

ଭୁବନେଶ୍ୱର, ୧୨/୮ (ନି.ପ୍ର): ଚାକିରି କରୁଥିବା ବେଳେ ବେଆଇନ୍ ଭାବେ ଠୁଳ କରିଥିଲେ ଅମାପ ସମ୍ପତ୍ତି ! ଆଉ ଅବସର ପରେ ଅୟସ୍ କରୁଥିଲେ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର। ରାଜପ୍ରସାଦ ପରି ଘର କରିଥିଲେ। ମହାରାଜାଙ୍କ ପରି ଜୀବନ ବିତାଉଥିଲେ। ବିଦେଶ ଗସ୍ତରେ ଯାଉଥିଲେ। ନାମୀଦାମୀ କାର ଚଢୁଥିଲେ। ରୋଲାକ୍ସ ପରି ଦାମୀ ଘଣ୍ଟା ବାନ୍ଧୁଥିଲେ। ଭିଜିଲାନ୍ସ ହାତରେ ଧରା ପଡ଼ିବା ପରେ ଖୋଲୁଛି ପୂର୍ବତନ ଯନ୍ତ୍ରୀଙ୍କ ମୁଖା। ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ଉ କରି ହୀରା, ସୁନା, ରୁପା, ଦାମ ବିଦେଶୀ ମୁଦ୍ର, ଦାମୀ କାର, ଦାମୀ ଘଣ୍ଟା ଆଦି ଜବତ କରିଥିବା ବେଳେ ରାଜଧାନୀ ପ୍ଲଟ ଓ ଫ୍ଲାଟ୍ ଥିବା ଜଣିବାକୁ ପାଇଛି। ଏବେ ମଧ୍ୟ ଚଢ଼ଉ ଜାରି ରହିଛି। ଭିଜିଲାନ୍ସ ଜାରି କରିଥିବା ପ୍ରେସ୍‌ନୋଟ୍ ଅନୁସାରେ ତାରା ପ୍ରସାଦ ମିଶ୍ରଙ୍କ ନାଁରେ ରାଜଧାନୀ ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ରହିଛି ୧୦ଟି ଫ୍ଲାଟ୍। ଏହାଛଡ଼ା ପ୍ଲଟ୍ ମଧ୍ୟ ରହିଛି। ପ୍ଲଟ ଗୁଡ଼ିକ ଭୁବନେଶ୍ୱର, କଟକ ଓ ଜଟଣୀରେ ରହିଛି। ତାଙ୍କ ଘରୁ ୨.୭ କୋଟି ଟଙ୍କାର ବ୍ୟାଙ୍କ ଜମା, ୧.୫ କେଜି ସୁନା, ନଗଦ ୬ ଲକ୍ଷ ଟଙ୍କା, ଗୋଟିଏ ମରସିଡିଜ୍ ବେଞ୍ଜ କାର, ଗୋଟିଏ କିଆ କାର ଓ ଗୋଟିଏ ଦାମୀ ଘଣ୍ଟା ଜବତ ହୋଇଛି। ଯେଉଁ ଘଣ୍ଟାର ଦାମ ୧୩ ଲକ୍ଷ ଟଙ୍କା ରହିଛି। ଏହାଛଡ଼ା ବହୁ ବିଦେଶୀ ମୁଦ୍ର ମଧ୍ୟ ଜବତ କରିଛି ଭିଜିଲାନ୍ସ। ଏଥିରୁ ଜଣାପଡୁଛି ଶ୍ରୀ ମିଶ୍ର ନିୟମିତ ବିଦେଶ ଗସ୍ତ କରୁଥିଲେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶ୍ରୀ ମିଶ୍ରଙ୍କ ଘରୁ ବହୁ ହିରା ଅଳଙ୍କର ଜବତ ହୋଇଛି। ଯାହାର ଅନୁମାନ ମୂଲ୍ୟ କୋଟି କୋଟି ଟଙ୍କା ହେ। ସବୁଠାରୁ ମଜାଦାର କଥା ହେଉଛି ଶ୍ରୀ ମିଶ୍ର ନିଜ ଘରକୁ ଆଲିସାନ୍ ମହଲ୍ ପରି ସଜାଇଛନ୍ତି। ଘରର ସାଜସାଜା ଦେଖିଲେ ଆଖି ଲାଗିଯିବ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ୯ଟି ଟିମ୍ ଆଜି



▶▶ପୃଷ୍ଠା ୭

## ବାଲେଶ୍ୱର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଲେ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ



ବାଲେଶ୍ୱର, ୧୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନ ୪ ଘଟିକା ସମୟରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟରେ ପହଂଚିବା ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ପରେପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲ୍‌ଦାର, ସମସ୍ତ ବିଡିଓ, ସମସ୍ତ ଲାଇନ ବିଭାଗର ଅଧିକାରୀ, ସମସ୍ତ ନିର୍ବାହୀ ଅଧିକାରୀଙ୍କ ସହ ପରିଚିତ ହେବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ । ପ୍ରଶାସନର ସମସ୍ତ କାର୍ଯ୍ୟକୁ ଲୋକାଭିମୁଖୀ କରିବା ପାଇଁ ସେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ବିଭାଗ ପରିଦର୍ଶନ କରି ଭିତିଭୂମି ପରଖିବା ସହ ମୂଲ୍ୟବାନ ଉପଦେଶ ଦେଇଥିଲେ । ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ ବୋଲି ଜିଲ୍ଲାପାଳ ମତପ୍ରକାଶ ▶▶ପୃଷ୍ଠା ୭

## ନବାଗତ ବିଧାୟକଙ୍କୁ ଗୁରୁମନ୍ତ୍ର ଦେବା ପାଇଁ ଆସୁଛନ୍ତି ଜେପି ନଡ୍ଡା

ଭୁବନେଶ୍ୱର, ୧୨/୮ (ନି.ପ୍ର): ନୂଆ ବିଧାୟକଙ୍କ କ୍ଲାସ୍ ନେବେ ଜେପି ନଡ୍ଡା। ଦେବେ ପଲିଟିକାଲ୍ ସକ୍ସେସ ମନ୍ତ୍ର। ଆଉ ନୀତି ନୈତିକତାର ପାଠ ପଢାଇବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଧାୟକଙ୍କୁ ଆଚରଣ ଉଚ୍ଚାରଣ ଶିଖାଇବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍। ଆସନ୍ତା ୧୭ ଓ ୧୮ ଦୁଇଦିନ ଧରି ବିଧାନସଭାରେ ଚାଲିବ ବିଧାୟକଙ୍କ ତାଲିମ୍ କର୍ମଶାଳା। ଆସନ୍ତା ୧୭ ତାରିଖରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ। ଆଉ ୧୮ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ସବୁ ନବାଗତ ବିଧାୟକଙ୍କୁ ଗୁରୁମନ୍ତ୍ର ଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା। କାର୍ଯ୍ୟକ୍ରମରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍ଜୁ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ସରକାରକୁ ଆସିଛି ବିଜେପି। ଯେହେତୁ ଶାସକ ଦଳରେ ପ୍ରାୟ ୬୦ ଜଣ ନୂଆ ବିଧାୟକ ଅଛନ୍ତି। ତେଣୁ ସରକାରୀ ଦଳରେ ଥାଇ ସେମାନଙ୍କ ଭୂମିକା, ବିରୋଧୀଙ୍କୁ ଗଠନମୂଳକ କାଉଣ୍ଟର, ଆଞ୍ଚଳିକ ସମସ୍ୟାକୁ ଗୁରୁତ୍ୱ ଓ ଗୃହରେ ଆଚରଣ ଉଚ୍ଚାରଣ ବିଷୟରେ ପାଠ ପଢାଇବେ ନଡ୍ଡା। ସେହିପରି ବିରୋଧୀ ଦଳର ବିଧାୟକମାନଙ୍କୁ ମଧ୍ୟ ଗୃହ ପରିଚାଳନା ପାଇଁ ଟିପ୍ସ ଦେବା ସହ ବିଧାନସଭା ଆଇନ କାନୁନ ସଂପର୍କରେ ଅବଗତ କରିବେ କେନ୍ଦ୍ରମନ୍ତ୍ରୀ। ଏପଟେ ଆସନ୍ତା ୧୬ ତାରିଖରେ ବସୁଛି ଓଡ଼ିଶା ବିଜେପିର କୋର କମିଟି ବୈଠକ। କ୍ଷମତାକୁ ଆସିବା ପରେ ଦଳର ଏହା ହେବ ପ୍ରଥମ କୋର୍ କମିଟି ମିଟିଂ। ଯେଉଁଥିରେ କ୍ଷତ୍ରୀୟ ପ୍ରଭାରୀ ସୁନୀଲ ବଂଶଲଙ୍କ ସହ ଦୁଇ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏବଂ ଲତା ଉସେଣ୍ଡୀ ଉପସ୍ଥିତ ରହିବେ। ଫୋକସରେ ରହିଛି ଦଳର ପରବର୍ତ୍ତୀ କାର୍ଯ୍ୟପନ୍ଥା। ଏଥିସହ ଖାଲି ପଡିଥିବା ଗୋଟିଏ ରାଜ୍ୟସଭା ସିଟରେ କିଏ ଯିବେ ସେ ନେଇ ମଧ୍ୟ ଆଲୋଚନା ହୋଇପାରେ। ଏଥିପାଇଁ ଯଦିଓ ମନମୋହନ ସାମଲ, ସମୀର ମହାନ୍ତି, ଗୋଲକ ମହାପାତ୍ର ଓ ବିଶ୍ୱେଶ୍ୱର ଟୁଡୁଙ୍କ ନାଁ ଚର୍ଚ୍ଚାରେ ରହିଛି, ମମତା ମହନ୍ତ ବି ରିପିଟ୍ ହୋଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ▶▶ପୃଷ୍ଠା ୭



## ୫ ବର୍ଷ ପରେ ଓଡ଼ିଶାରେ କେହି ଭୂମିହୀନ ଓ ବାସହୀନ ରହିବେନି

ଭୁବନେଶ୍ୱର, ୧୨/୮ (ନି.ପ୍ର): ଆଗାମୀ ୫ ବର୍ଷ ପରେ ଓଡ଼ିଶାରେ କେହି ଭୂମିହୀନ ଓ ବାସହୀନ ରହିବେନି। ଗରିବ ଭୂମିହୀନ ଓ ବାସହୀନଙ୍କୁ ଘର ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ। ଏପରିକି ସେହି ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବିଦ୍ୟୁତ, ପାନୀୟ ଜଳ ଓ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଯୋଗାଇବାର ବ୍ୟବସ୍ଥା କରାଯିବ। ୫ ବର୍ଷରେ ଘରର ପୂର୍ଣ୍ଣାଙ୍ଗ ପେକେଜ ଗରିବ ଲୋକଙ୍କୁ ଯୋଗାଇଦେବୁ। ଆଜି ଏପରି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି, ଗ୍ରାମାଞ୍ଚଳରେ ବର୍ଷବର୍ଷ ଧରି ସରକାରୀ ଜାଗାରେ ରହିବା ସତ୍ତ୍ୱେ ଭୂମିହୀନ ଗରିବଙ୍କୁ ଘର ଡହ ପଟ୍ଟା ମିଳୁନି। ଯେଉଁମାନଙ୍କର ବର୍ଷିକ ଆୟ ଲକ୍ଷ ଟଙ୍କା ରହିଥିବ, ସେମାନଙ୍କୁ ୪ ଡିସିମିଲ୍ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯିବ। ଯେଉଁ ଗରିବମାନେ ସରକାରୀ ଜାଗାରେ ଘର କରି ରହୁଥିବେ, ଯଦି ସେହି ଜାଗା ଆପତ୍ତିଜନକ ନଥିବ, ତାହାହେଲେ ସେଥିରୁ ୪ ଡିସିମିଲ୍ ଜାଗାର ପଟ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ। ଯଦି ସେହି ଜାଗା ଆପତ୍ତି ଥିବ, ତାହାହେଲେ ସେମାନଙ୍କୁ ଅଣ ▶▶ପୃଷ୍ଠା ୭

## ୟୁଜିସି-ନେଟ୍ ପରୀକ୍ଷା ବାତିଲ ବିରୁଦ୍ଧରେ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୨/୮ : ୟୁଜିସି-ନେଟ୍ ପରୀକ୍ଷା ବାତିଲ ବିରୁଦ୍ଧରେ କରାଯାଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ କେନ୍ଦ୍ର ସରକାର ନେଇଥିବା ଏହି ନିଷ୍ପତ୍ତିକୁ କିଛି ପ୍ରାର୍ଥୀ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତ ଖାରଜ କରି ଦେଇଛନ୍ତି। ପ୍ରକାଶ ଥାଉକି, ଗତ ଜୁନ୍ ୧୮ରେ ୟୁଜିସି-ନେଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିବା ପରେ କେନ୍ଦ୍ର ଶିକ୍ଷା ବିଭାଗ ପକ୍ଷରୁ ଜୁନ୍ ୧୯ରେ ପରୀକ୍ଷାକୁ ବାତିଲ୍ ଘୋଷଣା କରାଯାଇଥିଲା। ଏହାପରେ ଜୁନ୍ ୨୧ରେ ପରୀକ୍ଷା ନେଇ ସମୟ ଧାର୍ଯ୍ୟ କରାଯାଇଛି। ▶▶ପୃଷ୍ଠା ୭

## ବହୁ ଚର୍ଚ୍ଚିତ ବିତ୍ତିହୋତ୍ର ମହାନ୍ତିଙ୍କ ପରଲୋକ

 କଟକ, ୧୨/୮ (ନି.ପ୍ର): ବହୁ ଚର୍ଚ୍ଚିତ ବିତ୍ତିହୋତ୍ର ମହାନ୍ତିଙ୍କର ପରଲୋକ ହୋଇଛି । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ପରଲୋକ ହୋଇଛି। ପୂର୍ବତନ ଜେଲ୍ ବିଭାଗ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କ ପୁଅ ବିତ୍ତିହୋତ୍ର ଦୀର୍ଘ ଦିନ ହେଲା ▶▶ପୃଷ୍ଠା ୭



## ଆଦାନି ଗ୍ରୁପ ଉପରେ ପୁଣି ପଡ଼ିଲା ହିଣ୍ଡେନବର୍ଗର ପ୍ରଭାବ: ଶେଆର ବଜାରରେ ୧୭% ହ୍ରାସ

ନୂଆଦିଲ୍ଲୀ, ୧୨/୮ : ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟରେ ଖସିଲା ଆଦାନି ଗ୍ରୁପ୍ ବ୍ୟବସାୟ। ଆଜି ଆଦାନି ଗ୍ରୁପର ଶେଆର ୧୭% ହ୍ରାସ ପାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଆଦାନୀ ପାୱାର ୧୦.୯୪% ହ୍ରାସ ପାଇଛି। ସେହିପରି ଆଦାନୀ ଏଣ୍ଟରପ୍ରାଇଜେସ୍ ୫.୨୭% ହ୍ରାସ ପାଇ ୩,୦୧୮.୫୫ ଟଙ୍କାରେ ପହଞ୍ଚିଛି। ବଜାର ଖୋଲିବା ମାତ୍ରେ ଆଦାନି ଏନର୍ଜି ସଲ୍ୟୁସନ୍ସ ବ୍ୟବସାୟର ସର୍ବ ବୃହତ ହ୍ରାସ ଘଟିଥିଲା। କିଛି ସମୟ ପରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆସିବା ପୂର୍ବରୁ ୧୭.୦୬% ହ୍ରାସ ପାଇଥିଲା ଏନର୍ଜି ସଲ୍ୟୁସନ୍ସ। ସେହିପରି ଆଦାନୀ ଗ୍ରୀନ୍ ଏନର୍ଜି ୬.୯୬% ହ୍ରାସ ପାଇ ୧,୬୫୬.୦୫ ଟଙ୍କା ହୋଇଛି। ଏଥିସହ ଇଉଉ, ଅମ୍ବୁଜା ସିମେଣ୍ଟ ଏବଂ ଘଉଞ୍ଜଠ ମଧ୍ୟ ୨-୩% ହ୍ରାସ ଘଟିଛି। ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଆଦାନି ଗ୍ରୁପ୍ ପକ୍ଷରୁ ସଫେଇ ଦିଆ ଯାଇଥିଲେ ମଧ୍ୟ ଆଜି ଏହାର ଶେଆର ବଜାର ପ୍ରଭାବିତ ହୋଇଛି। ଗତବର୍ଷ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଆଦାନି ଗ୍ରୁପ୍ ଶେଆର ବଜାରରେ ଏକ ବଡ଼ ଧରଣର କ୍ଷତି ସହିଥିଲା। ଶେଷରେ ୨୦୨୪ ଜାନୁଆରୀରେ ହିଣ୍ଡେନବର୍ଗର ରିପୋର୍ଟକୁ ଭିତ୍ତିହୀନ ଦର୍ଶାଇଥିଲେ ସୁପ୍ରିମକୋର୍ଟ। ଏହାପରେ ଆଦାନି ଗ୍ରୁପ୍ ପୁନର୍ବାର ମାର୍କେଟରେ ଦବଦବା ଜାହିର କରିଥିଲା। ଏସବୁ ମଧ୍ୟରେ ଶନିବାର ହିଣ୍ଡେନବର୍ଗ ପୁଣି ଆଦାନି ଗ୍ରୁପ୍ ବିରୁଦ୍ଧରେ ଅଭିଯୋଗ ଆଣିଛି। ଆମେରିକାର ଏହି ସର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ସଂସ୍ଥା ରିସର୍ଚ୍ଚରେ କହିଛି ଯେ, ଆଦାନି ଗ୍ରୁପର ସ୍କାମରେ ଜଡିତ ବିଦେଶୀ କମ୍ପାନିରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚଙ୍କ ଅଂଶଧନ (ଶେଆର) ରହିଛି। ଆଦାନୀ ଗ୍ରୁପର ବିଦେଶୀ ଅଂଶଧନ ସମ୍ପର୍କରେ ତଦନ୍ତ ପାଇଁ ସେବି ଯଥେଷ୍ଟ ଆଗ୍ରହ ନଦେଖାଇବାର ଏହା ଏକ ▶▶ପୃଷ୍ଠା ୭



## କୋଲକାତା ଲଜ୍ଜା: ଆନ୍ଦୋଳନକୁ ଓହ୍ଲାଇବ ସର୍ବଭାରତୀୟ ରେସିଡେଣ୍ଟ ଡାକ୍ତର ସଂଘ

ନୂଆଦିଲ୍ଲୀ, ୧୨/୮ : କୋଲକାତା ଆର.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ତେଜୁଛି ଆନ୍ଦୋଳନ। ଜୁନିୟର ଡାକ୍ତରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ, ଆଜି ଆନ୍ଦୋଳନକୁ ଓହ୍ଲାଇବ ସର୍ବଭାରତୀୟ ରେସିଡେଣ୍ଟ ଡାକ୍ତର ସଂଘ। ଫେଡେରେସନ୍ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏସନ୍ ବା ଋଡଜଉଇ ପକ୍ଷରୁ ଗତକାଲି ଏକ ବୈଠକ ବସିଥିଲେ। ଏଥିରେ ସାରା ଦେଶରେ ରେସିଡେଣ୍ଟ ଡକ୍ଟର ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ମାମଲାର ସିବିଆଇ ତଦନ୍ତ, ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି, ଜଏ କର ମେଡିକାଲ କଲେଜର ପ୍ରିନ୍ସିପାଲଙ୍କୁ ହଟାଇବା ଏବଂ ଏକ କେନ୍ଦ୍ରୀୟ ସୁରକ୍ଷା ଆଇନ କମିଟି ଗଠନ ଦାବି ରଖିଛି ଋଡଜଉଇ। ମୃତ ଟ୍ରେନିଂ ଡାକ୍ତରୀ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ ଅନୁକମ୍ପା ରାଶି ପ୍ରଦାନ ସହ ଘଟଣାର ତଦନ୍ତ କରି ଦୋଷୀକୁ କଠୋରରୁ କଠୋର ଦଣ୍ଡ ଦେବା ସହ ସମସ୍ତ ଡାକ୍ତରଙ୍କୁ ସୁରକ୍ଷା ଯୋଗାଇବାକୁ ▶▶ପୃଷ୍ଠା ୭



# ବ୍ୟାଡମିଂଟନ ଖେଳାଳିଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, ୧୨/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ମାଲକାନଗିରି ଜିଲ୍ଲାକୁ ବଦଳି ହୋଇଛି। ସେ ଜଣେ ନିୟମିତ ବ୍ୟାଡମିନ୍ଟନ ଖେଳାଳି ଭାବେ ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମରେ ଖେଳୁଥିଲେ। ତେଣୁ ଆଜି ବ୍ୟାଡମିନ୍ଟନ ଇନଡୋର ଠାରେ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ବ୍ୟାଡମିନ୍ଟନ ଖେଳାଳି ମାନଙ୍କ ଦ୍ୱାରା କରାଯାଇଛି। ଆଜି ସକାଳେ ସବୁଦିନ ଭଳି କନ୍ଧମାଳ ଜିଲ୍ଲାପାଳ ଏବଂ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ବ୍ୟାଡମିନ୍ଟନ ଖେଳିବା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଫୁଲବାଣୀ ର ବରିଷ୍ଠ ସାମ୍ବାଦିକ ତଥା ବ୍ୟାଡମିନ୍ଟନ ଖେଳାଳି ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କୁ ଫୁଲ ତୋଡା ଓ ଉପହର ପ୍ରଦାନ କରାଯାଇଥିଲା । ଫୁଲବାଣୀ ଶିଳ୍ପ ତାଲିମ କେନ୍ଦ୍ର ର ଅଧକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ଜିଲ୍ଲାପାଳ ଜଣେ ଭଲ ଖେଳାଳି ହୋଇଥିବା ସମେତ ସେ କନ୍ଧମାଳରେ ଯୋଗ ଦେବା ଦିନଠାରୁ ଜିଲ୍ଲାର ସବୁ ସ୍ତରର ଲୋକଙ୍କ ପାଇଁ ଭଲ କାମ କରିବା ସହ ଜଣେ ଅତି ଉତମ ସ୍ୱଭାବର ବ୍ୟକ୍ତି ଅଟନ୍ତି। ଜିଲ୍ଲାବାସୀ ଜଣେ ଭଲ ଜିଲ୍ଲାପାଳଙ୍କୁ ହରାଇଲେ ବୋଲି କହିଥିଲେ। ସେ ଜଣେ ଭଲ ଜିଲାପାଳ ଭାବେ ଜିଲ୍ଲାରେ କାର୍ଯ୍ୟ କରିବା ସହ ଜିଲ୍ଲା ଏବଂ ଜିଲ୍ଲାବାସୀଙ୍କ ସବୁ ସମସ୍ୟାର ସମାଧାନ ଅତି ସହଜ ଭାବରେ କରୁଥିଲେ। ଇନଡୋରରେ ସବୁ ବର୍ଗର ଖେଳାଳି ମାନଙ୍କ ସହିତ ଖେଳିବା ସହିତ ଏଠାରେ ଏକ ସୁନ୍ଦର ବାତାବରଣ ସୃଷ୍ଟି କରିଛନ୍ତି। ତାଙ୍କର ପ୍ରଚେଷ୍ଟାରେ ଷ୍ଟାଡିୟମ ର ମଧ ସବୁ ପ୍ରକାରର ଉନ୍ନତି ହୋଇଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର କହିଥିଲେ। ଫୁଲବାଣୀରେ ବ୍ୟାଡମିନ୍ଟନ ଖେଳିବା ପାଇଁ ଛୋଟ ଛୋଟ ପିଲାଙ୍କ ଆଗ୍ରହ ରହିଛି ତେଣୁ ଏଠାରେ ଛୋଟ ପିଲାମାନଙ୍କ କୋଚିଂ ବ୍ୟବସ୍ଥା କରାଯାଇଛି। ଷ୍ଟାଡିୟମରେ ଛୋଟ ଛୋଟ ପୁଅ ଏବଂ ଝିଅ ମାନେ କୋଚିଂ ନେଉଛନ୍ତି। ବରିଷ୍ଠ ଖେଳାଳି ପ୍ରଶାନ୍ତ କୁମାର ବେହେରାଙ୍କ ଉଦାହରଣ ଦେଇ ଏଠିକାର ୬୦ ବର୍ଷ ବୟସ୍କ ଖେଳାଳି ମଧ ନିୟମିତ ଖେଳୁଛନ୍ତି। ତେଣୁ ଭବିଷ୍ୟତରେ ଫୁଲବାଣୀରୁ ଭଲ ବ୍ୟାଡମିନ୍ଟନ ଖେଳାଳି ବାହାରି ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିବେ। ଯେଉଁଠାରେ ଥିଲେ ମଧ ସେ ସବୁବେଳେ ଫୁଲବାଣୀର ତଥା ସମଗ୍ର କନ୍ଧମାଳ ବାସୀ ମନେ ପଡିବେ ବୋଲି ଜିଲ୍ଲାପାଳ କହିଥିଲେ। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଫୁଲବାଣୀର ବରିଷ୍ଠ ଖେଳାଳି ଅଶୋକ କୁମାର ପଟ୍ଟନାୟକ, ବିଏସଏଫ ର ଡେପୁଟି କମାଣ୍ଡେଂଟ ଗୋପାଳ ସିଂ ଉପସ୍ଥିତ ଥିବାବେଳେ ଅନ୍ୟ ମାନଙ୍କ ମଧରେ ବ୍ୟାଡମିନ୍ଟନ କୋଚ୍ ଅସୀମ ନାୟକ, ରିଜର୍ଭ ପୋଲିସ ଆର ଆଇ ବିରସିଂ ଶବର, ସବ୍ୟସାଚୀ ଦଲାଲ, ପ୍ରଶାନ୍ତ କୁମାର ମହାନ୍ତି, କାଳୀଚରଣ ନନ୍ଦ, ମିହିର କୁମାର ଡାକୁଆ, ପ୍ରସାଦ ସୋନୁ ଏବଂ ଶତାଧିକ ଖେଳାଳି ଯୋଗ ଦେଇଥିଲେ।

## ବଜାର ଉପରେ ହୁ ହୁ ହୋଇ ଜଳିଲା ବୁଲେଟ୍

କେନ୍ଦ୍ରାପଡ଼ା, ୧୨/୦୮ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଡହାଟ ନିକଟରେ ରାସ୍ତା ଉପରେ ଥିବା ଏକ ବୁଲେଟ୍ ରେ ହଠାତ୍ ନିଆଁ ଲାଗି ହୁ ହୁ ହୋଇ ଜଳୁ ଥିବାର ଦେଖିବାକୁ ମିଳିଛି । ବଜାରକୁ ସଉଦା କିଣିବାକୁ ଆସିଥିବା ଜଣେ ବ୍ୟକ୍ତି ରାସ୍ତା କଡରେ ଗାଡି ଥୋଇ ଯିବାର ୫ ମିନିଟ୍ ପରେ ଗାଡିଟିରେ ହଠାତ୍ ନିଆଁ ଲାଗି ଯାଇଥିଲା । ଧିରେ ଧିରେ ନିଆଁ ବ୍ୟାପିବାରୁ ସ୍ଥାନୀୟ ଲୋକ ପାଣି ପକାଇ ଏହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ । ନିଆଁ ନଲିଭିବାରୁ ସ୍ଥାନୀୟ ଏକ ଲୁଗା ଦୋକାନରୁ ଅଗ୍ନି ନିର୍ବାପକ ଯନ୍ତ୍ର ଆଣି ଗ୍ୟାସ ପକାଇ ନିଆଁକୁ ଲିଭାଇ ଥିଲେ । ଫଳରେ ଅଳ୍ପକେ ଏକ ବଡ଼ ଅଘଟଣରୁ ସ୍ଥାନୀୟ ଲୋକ ବର୍ତି ଯାଇଥିଲେ।

# କେନ୍ଦ୍ରାପଡ଼ା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, ୧୨/୦୮ (ନି.ପ୍ର): ଏହି ବ୍ଲକ୍ ଅନ୍ତର୍ଗତ କୁତରଙ୍ଗସ୍ଥିତ ମଦନମୋହନ ଜ୍ଞାନପୀଠ ଠାରେ କେନ୍ଦ୍ରାପଡ଼ା ବ୍ଲକ୍‌ର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ରବିବାର ଦିନ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପସଭାପତି ରାଜକିଶୋର ନାୟକଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ତପନ କୁମାର ସିଂହ, ନିର୍ମଳ କୁମାର ନାୟକ, ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ଜିଲ୍ଲା ଉପସଭାପତି ପ୍ରମୋଦ କୁମାର ବେହେରା, ଜିଲ୍ଲା ଉପସଭାପତି ଅଶୋକ କୁମାର ପରିଡ଼ା, କେନ୍ଦ୍ରାପଡ଼ା ବ୍ଲକ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, ଡେରାବିଶ ବ୍ଲକ ସମ୍ପାଦକ ଗଗନବିହାରୀ ସୂତାର, ରାଜକନିକା ସମ୍ପାଦକ ଅରବିନ୍ଦ ନାୟକ, ପଟ୍ଟାମୁଣ୍ଡାଇ ସମ୍ପାଦକ ବାବାଜୀ ଚରଣ ଦାସ, ମଦନମୋହନ ଜ୍ଞାନପୀଠର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସରୋଜିନୀ ସ୍ୱାଇଁ, ଗୋବରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର, ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ, ଦୁତିଆଳ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଇନ୍ଦୁପୁର ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣି, ସୁରେଶ ଚନ୍ଦ୍ର ସ୍ୱାଇଁ, କ୍ରୀଡ଼ା ଶିକ୍ଷକ, ପୁରୁଷୋତ୍ତମପୁର ପଂଚାୟତ ଉଚ୍ଚ ବିଦ୍ୟାଳୟର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଶେଷରେ ଆଗାମୀ ତିନି ବର୍ଷ ପାଇଁ କର୍ମକର୍ତା ଚୟନ କରାଯାଇଥିଲା । କର୍ମକର୍ତା ହେବେ ସଂପ୍ରତି ସଭାପତି ତପନ କୁମାର ଦାଶ, ଉପସଭାପତି କନକ ଓଝା, ଉପସଭାପତି ରାଜକିଶୋର ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ କଲ୍ୟାଣୀ ସ୍ୱାଇଁ, ଯୁଗ୍ମ ସମ୍ପାଦକ ପଙ୍କଜ କୁମାର ବେହୁରା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଭାବେ ସଞ୍ଜୟ କୁମାର ଶର୍ମା, ସୁରେଶ ଚନ୍ଦ୍ର ସ୍ୱାଇଁ, ତୁଷାରକାନ୍ତ ସାମନ୍ତରାୟ, ପ୍ରଭାକର ଆଚାର୍ଯ୍ୟ, ରବିନ୍ଦ୍ର କୁମାର ସ୍ୱାଇଁ ଓ ରାଜ୍ୟ ପରିଷଦ ସଭ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାଣି, ପ୍ରିୟରଞ୍ଜନ ବିଶ୍ୱାଳ, ନିରାକାର ସାମଲ ପ୍ରମୁଖ ମନୋନୀତ ହୋଇଥିଲେ । ସଭାକାର୍ଯ୍ୟକୁ ମଦନମୋହନ ଜ୍ଞାନପୀଠର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ନେତା ତଥା ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ମହାନ୍ତି ପ୍ରାରମ୍ଭରେ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଗତ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ଯୁଗ୍ମ ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଜୟପୁର ମାଧ୍ୟମିକ ଶିକ୍ଷା ମଂଚ ଗଠିତ

ଜୟପୁର, ୧୨/୦୮ (ନି.ପ୍ର): ଜୟପୁର ସିଟି ଉଚ୍ଚ ବିଦ୍ୟାଳୟରେ ଉପଖଣ୍ଡ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଏକ ବୈଠକ ର ଆୟୋଜନ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜିଲ୍ଲାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେବା ଓ ଶିକ୍ଷକ ମାନଙ୍କ ସମସ୍ୟା କୁ ଅଧିକାରୀ ନିକଟରେ ଉପସ୍ଥାପନ କରି ସମାଧାନ ପାଇଁ ପଦକ୍ଷେପ ନେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ରବିବାର ଦିନ ଗୋଟିଏ ଗୋଟିଏ ବିଦ୍ୟାଳୟ ରେ ବୈଠକ କରି ଶିକ୍ଷା ଆଲୋଚନା ଚକ୍ର କରି ଛାତ୍ର ଛାତ୍ରୀ ମାନଙ୍କର ବିଭିନ୍ନ ବିଷୟ ରେ ଥିବା ସନ୍ଦେହ କୁ ଦୂର କରିବା ଆଦି ବିଷୟରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଗଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ଗୋଡପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ପଣ୍ଡା, ଆଁବାଗୁଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁନିଲ ପାଢ଼ୀ, ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକ, ସଲ୍ଲା ଉନ୍ନତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିବରାମ ପାଣିଗ୍ରାହୀ, ଏକମ୍ବା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଡ ଜ୍ୟୋସ୍ନା ରାଣୀ ମିଶ୍ର ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତି କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ

କେନ୍ଦ୍ରାପଡ଼ା, ୧୨/୦୮ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ନୂତନ କର୍ମକର୍ତା ନିର୍ବାଚନ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀ ଦାସ କହିଥିଲେ ଯେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କର କନିକା ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ ପ୍ରତି ଅତୁଳନୀୟ ଅବଦାନ ଥିଲା। ସେ ଥିଲେ ମହାତ୍ମାଗାନ୍ଧୀଙ୍କ ସାବରମତି ଆଶ୍ରମର ପ୍ରଥମ ଓଡିଆ ଛାତ୍ର। ତାଙ୍କ ରଚିତ "ଦୁଃଖିନୀ କନିକା" ପୁସ୍ତକକୁ ଇଂରେଜ ସରକାର ବାଜ୍ୟାପ୍ତି କରିଦେଇଥିଲେ। ସେହିଦିନ ଠାରୁ ଗୋପବନ୍ଧୁ ଦାସ ସ୍ୱର୍ଗତ ଜେନାଙ୍କୁ ଦୁଃଖିନୀ କନିକା ନାମରେ ସମ୍ବୋଧନ କରିଥିଲେ। ସ୍ୱର୍ଗତ ଦାସ ହଜାରୀବାଗ ଜେଲରେ ଥାଇ ଆନନ୍ଦ ଚନ୍ଦ୍ରଙ୍କୁ ଚିଠି ମାଧମରେ ସାନ୍ତ୍ୱନା ଦେଇଥିଲେ। ଏହି ଦୁଃଖିନୀ କନିକା ପୁସ୍ତକ ଗାନ୍ଧିଜୀଙ୍କ 'ଇଙ୍ଗ ଇଣ୍ଡିଆ' ପତ୍ରିକାରେ ପ୍ରକାଶ ପାଇଥିଲା। ଯାହାକୁ ଦେଖି ଜାତୀୟ ସ୍ତରର ନେତା ଲାଲା ଲାଜପତରାୟ, ଭି.ଭି. ଗିରି, ମଦନମୋହନ ମାଲବ୍ୟ, ଚିତରଞ୍ଜନ ଦାସ ପ୍ରମୁଖ ହତବାକ୍ୟ ହୋଇପଡିଥିଲେ। ଜାତୀୟ ସ୍ତରରେ ପରିଚିତ ହୋଇଥିବା ସ୍ୱର୍ଗତ ଜେନାଙ୍କର ୪୨ଏକର ସମ୍ପତିକୁ କନିକା ରାଜା ଓ ଇଂରେଜ ସରକାର ମିଶି ନିଲାମ କରିଦେଇଥିଲେ। ସେ ୭ଥର କାରାବରଣ କରିଥିଲେ। ଶେଷରେ ଏହି ମହାନ ସଂଗ୍ରାମୀଙ୍କୁ ଦେଶ ସ୍ୱାଧୀନତା ହେବା ପୂର୍ବରୁ ୧୯୪୬ ମସିହାରେ ଖାଦ୍ୟରେ ବିଷ ମିଶାଇ ମାରିଦେଇଥିଲେ। ସେହିଦିନ ଠାରୁ ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କର ଦେଶ ପାଇଁ ମହାନ ବଳିଦାନ ରହିଥିଲା। ଏହାପରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ନୂତନ କର୍ମକର୍ତା ଚୟନ କରାଯାଇ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଓକିଲ ସଙ୍ଘର ପୂର୍ବତନ ସଭାପତି ବିଚିତ୍ରାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଦିପ କୁମାର ଦାଶ, ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସଂଗଠନ ସମ୍ପାଦକ ମୁକ୍ତାର ଖାଁ ଓ ଧିରେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଚନ୍ଦନବିହାରୀ ପରିଡା ଓ ସତ୍ୟବ୍ରତ ସିଂ, ସଂଯୋଜକ ପ୍ରଭାତ କିଶୋର ନାୟକ ଓ ସଞ୍ଜୟ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ଶୁଭାଂଶୁ ଦାସ ଓ ଅଶୋକ କୁମାର ସାହୁ, ସହ ସମ୍ପାଦକ ଗୋଲଖ ଚନ୍ଦ୍ର ପରିଡା ଓ ଶେଷଦେବ ପ୍ରସାଦ ଦାସ, କୋଷାଧକ୍ଷ ପ୍ରଦୀପ କୁମାର ସିଂ, ପ୍ରବକ୍ତା ଭାବେ ଅବନ୍ତୀ ବେହେରା ଓ ଆଦିକନ୍ଦ ରାଉଳ, କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟ ଦାସ, ଅକ୍ଷୟପ୍ରିୟ ଦାସ ଓ ସେକ ସୌକତ ଖାନ ଏବଂ ଉପଦେଷ୍ଟା ଭାବେ କବି କରୁଣାକର ଦାସ, ଅଧାପକ ନନ୍ଦ କିଶୋର ପରିଡା, ଡ. ବାସୁଦେବ ଦାସ, ହୃଷିକେଶ ରଥ, ନିରାକାର ଦାସ, ଅମ୍ବିକା ପ୍ରସାଦ ଦାସ, ବିରଜା ରାଉତରାୟ, ଆଶିଷ ସେନାପତି, ନିରଞ୍ଜନ ମେକାପ, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥୀ ଜେନା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ନୂତନ କର୍ମକର୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଉମାକାନ୍ତ ଗୁରୁ, ନିରଞ୍ଜନ ବଳ, ପୀତବାସ ଦାସ, ସେକ ସାମା, ସୟଦ ମୁକ୍ତାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଣଧୀର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶାଗୁଆ ବଲାଙ୍ଗିର ପକ୍ଷରୁ ଅଗଷ୍ଟ ଏଗାରକୁ 'ଗଛ ଲଗା ଦିନ' ମିଶନ

ବଲାଙ୍ଗିର, ୧୨/୦୮ (ନି.ପ୍ର): ପରିବେଶ ସୁରକ୍ଷା ଓ ବଲାଙ୍ଗୀରକୁ ଏକ ସବୁଜ ସୁନ୍ଦର ସହର ଭାବରେ ଗଢି ତୋଳିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଶାଗୁଆ ବଲାଙ୍ଗୀର ଆଉ ଏକ ପାଦ ଆଜି ଆଗେଇ ଆସିଛି କ୍ଷ ବୃକ୍ଷରୋପଣକୁ ଲୋକଙ୍କ ସହଯୋଗରେ ଅଭିଯାନରେ ରୂପ ଦେବାପାଇଁ ନିଷ୍ପତି ନେଇଛି ଶାଗୁଆ ବଲାଙ୍ଗୀର। ଆଜି ଅଗଷ୍ଟ ୧୧ ବଲାଙ୍ଗୀରର ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀ ମାନଙ୍କର ସହଯୋଗରେ 'ବଲାଙ୍ଗିର ଗଛ ଲଗାଦିନ' ଆୟୋଜନ ହୋଇଛି କ୍ଷ ବଲାଙ୍ଗୀର ଜିଲ୍ଲାରେ ପ୍ରଥମ ଥର ପାଇଁ ଏପରି ବ୍ୟାପକ ଭାବରେ ତଥା ଶତାଧିକ ଜନ ସାଧାରଣଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା । ଏଥିପାଇଁ ଶାଗୁଆ ବଲାଙ୍ଗୀର ତରଫରୁ ବଲାଙ୍ଗିର ସଚେତନ ନାଗରିକ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ପରିବେଶ ପ୍ରେମୀ, ସାମ୍ବାଦିକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତା ମାନଙ୍କୁ ନେଇ ସମ୍ବଲପୁର ରୋଡ ସ୍ଥିତ ଅରୁନ୍ଧତୀ ହିରୋ ଶୋରୁମ ଠାରୁ ସଦେଇପାଲି ରାସ୍ତା ପର୍ଯ୍ୟନ୍ତ ଏକ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶାଗୁଆ ବଲାଙ୍ଗୀରର ସଭ୍ୟ ମାନେ ନିମ୍ବ, କ'ଗଛ, ଜକ୍ଷମ୍ବୁ, ଶିରିସ, ବଡ ଚାଖୁଣ୍ଡା, ସେରସୁଆଁ ଆଦି ଚାରାରୋପଣ କରିଥିଲେ । ମୁମ୍ବାଇରୁ ଆସିଥିବା ପରିବେଶବିତ୍ ପ୍ରତ୍ୟୁଷ ରଞ୍ଜନ ପଣ୍ଡା ଓ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଏଥିରେ ଅତିଥି ଭାବରେ ଯୋଗଦେଇ ନିଜେ ଗଛ ଲଗାଇବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ କ୍ଷ ନାଗରିକ କମିଟିର ସଭାପତି ଶ୍ରୀକର ମିଶ୍ର, ଶାଗୁଆ ବଲାଙ୍ଗୀରର ଶାଗୁଆ ପ୍ରେମୀ ଜୟ ପୁରୋହିତ, ରାଜୁ ମହାପାତ୍ର ପରିବେଶ ପ୍ରେମୀ ଅରୁଣ ମିଶ୍ର, ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା, ନେସନାଲ୍ ପିସ୍ ୟୁନିସନ ର ସତ୍ୟ ମିଶ୍ର, ରବି ରଞ୍ଜନ ପୁଝାରୀ, ଆନନ୍ଦ ବଡପଣ୍ଡା, ରବିଚନ୍ଦ୍ର ଉଦଗାତା ପ୍ରମୁଖ ଯୋଗ ଦେଇ ରାସ୍ତାରେ ଗଛ ଲଗାଇବା ସହ ଏହାର ରକ୍ଷଣା ବେକ୍ଷଣ ଦିଗରେ ସମସ୍ତେ ତତ୍ପର ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଯୁବୋଦୟ କଲେଜ, ସାଇଟ୍ କଲେଜ, ମଂଟେସୋରି ପବ୍ଲିକ୍ ସ୍କୁଲ୍, ସେଂଟ ଜାଭିଅର ପବ୍ଲିକ୍ ସ୍କୁଲ୍, ଦୟାନନ୍ଦ ପବ୍ଲିକ୍ ସ୍କୁଲ୍, ବିନାୟକ ପବ୍ଲିକ୍ ସ୍କୁଲ୍, ବିଶ୍ୱମ୍ବା ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ସମେତ ସିଆରପିଏଫ୍ ଟିମ୍, ବନ ବିଭାଗ, ରେଡକ୍ରସ ଓ ବଲାଙ୍ଗିର ପୋଲିସ ସକ୍ରିୟ ସହଯୋଗ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଜୟପୁର , ୧୨/୦୮ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କୋରାପୁଟ ଜିଲ୍ଲା ସଭାପତି କେ.ଶ୍ରିନୀବାସ ରାଓଙ୍କ ଆବହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିଭୁତି ଭୂଷଣ କର ସଭାପତିତ୍ୱ କରି ସଂଘ ପକ୍ଷରୁ ପୂର୍ବରୁ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦେଇଥିବା ଦାବିପତ୍ର ସଂପର୍କରେ ପୁର୍ନବାର ଉପସ୍ଥାପନ କରିଥିଲେ। ଏଥିରେ କିଛି ଦାବି ପୁରଣ ହୋଇଥିବା ବେଳେ ବହୁ ଦାବି ଏବେ ବି ପୂରଣ ହେବା ପାଇଁ ବାକି ରହିଛି ବୋଲି ଅତିଥି ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସାମ୍ବାଦିକ ମାନେ ନିରପେକ୍ଷ, ନିଡ଼ର ହେବା ସହ ସୁସ୍ଥ ଓ ବିକଶିତ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସାମ୍ବାଦିକଙ୍କ ସୁରକ୍ଷା, ପେନସେନ୍ , ମୃତ୍ୟୁ କିମ୍ବା ଦୁର୍ଘଟଣାରେ ମରିଗଲେ ୨୦ଲକ୍ଷ କ୍ଷତିପୁରଣ ପ୍ରଦାନ ଦିଗରେ ପୂର୍ବରୁ ବହୁ ବାର ବିଧାନସଭାରେ ଉପସ୍ଥାପନ କରିଥିଲେ ବୋଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ କହିଥିଲେ। ଏବେକାର ମୁଖ୍ୟମନ୍ତ୍ରୀ ପୂର୍ବରୁ ବିରୋଧୀଦଳର ମୁଖ୍ୟ ସଚେତକ ରହିଥିଲେ। ସେ ବି ସାମ୍ବାଦିକଙ୍କ ପ୍ରମୁଖ ସମସ୍ୟାକୁ ନେଇ ଭଲ ଭାବେ ଅବଗତ। ତେଣୁ ତାଙ୍କୁ ପୁର୍ନବାର ଦୃଷ୍ଟି ଆକର୍ଷଣ କରିବେ ବୋଲି ତାରା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବରିଷ୍ଠ ସାମ୍ବାଦିକ ଭି.ଭାସ୍କର ରାଓ, ସାମ୍ବାଦିକ ମନୋଜ ଦାଶ(୧) ଓ ମନୋଜ ଦାଶ(୨), ସ୍ୱେଚ୍ଛାସେବୀ ସଂଜୟ ଜେ?ନ, ଜେ.ଶ୍ରୀନିବାସ ରାଓ, ପେ?ରଅଧକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ମଂଚରେ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ନବରଙ୍ଗପୁର ଜିଲ୍ଲାସଭାପତି ହୃଷିକେଶ ମିଶ୍ର, ମାଲକାନଗିରୀ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାୟଗଡା ଜିଲ୍ଲାସଭାପତି ସୁରେଶ ଦାଶ ମଂଚାସୀନ ଥିଲେ। ଶେଷରେ ରାଜ୍ୟ ସଂପାଦକ ନୃସିଂହନାଥ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ପି. ପ୍ରକାଶ, ଟୁଟୁ ପଟ୍ଟନାୟକ, କିରଣ ପଟ୍ଟନାୟକ, ସ୍ୱାଧୀନ ପଣ୍ଡା , ମଧୁସୂଦନ ସାହୁ, ଇଶ୍ୱର ରାଓ ପ୍ରମୁଖ ୫୧ଜଣ ସଭ୍ୟଙ୍କୁ ନେଇ ଉତ୍କଳ ସାମ୍ବାଦିକ ସଂଘରେ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ଏମାନଙ୍କୁ ସ୍ୱାଗତ କରାଯାଇଥିଲା।

# କୋରାପୁଟ ଜିଲ୍ଲା ଶାଖା ସଭାପତି ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ

ଜୟପୁର , ୧୨/୦୮ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ଏକ କାର୍ଯ୍ୟକାରୀଣି ବୈଠକ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ସାଧାରଣ ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କର୍ମକର୍ତ୍ତା ଉପସ୍ଥିତ ହୋଇଥିଲେ ।ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା ବୈଠକ ରେ ଯୋଗଦାନ କରିବା ନିମନ୍ତେ ସହମତି ପ୍ରକାଶ କରିଥିବା ସ୍ଥଳେ ସବୁ ପ୍ରକାରର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା ଅନିବାର୍ଯ୍ୟ କାରଣ ବସଉ ସେ ବୈଠକରେ ଯୋଗଦାନ କରି ପାରିଲେ ନାହିଁ । ଉକ୍ତ ବୈଠକରେ ଶ୍ରୀ ଜ୍ଞାନ ରଞ୍ଜନ ଦାଶ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଆୟୋଜନ କରିବା ବେଳେ ଶ୍ରୀ ନାରାୟଣ ଦାଶ୍ ରାଜ୍ୟ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସଭାପତିତ୍ୱ କରିଥିଲେ । ଶ୍ରୀ ପ୍ରସନ୍ନ କୁମାର ତ୍ରିପାଠୀ ପୂର୍ବତନ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି, ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଅଧକ୍ଷ ଶ୍ରୀ ସୁନନ୍ଦ କାନୁନଗୋ, ଶ୍ରୀ ସୁକାନ୍ତ ମହାପାତ୍ର,ଲିଗାଲ କମିଟି ଅଧକ୍ଷ ଓ ଶ୍ରୀ ଲକ୍ଷ୍ମୀ ନାରାୟଣ ସେଠି ରାଜ୍ୟ ବରିଷ୍ଠ ଉପସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ,। ସମସ୍ତ ସଙ୍ଗଠନ ର ସଭାପତି ଓ ସମ୍ପାଦକ ନିଜ ନିଜ ବିଭାଗର କର୍ମଚାରୀ ମାନଙ୍କର ଦାବି ରାଜ୍ୟ ନେତୃବୃନ୍ଦ ଙ୍କ ନିକଟରେ ଉପସ୍ଥାପନ କରିଥିଲେ ।, କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ବୃନ୍ଦାବନ ପଣ୍ଡା ବରିଷ୍ଠ ଉପଦେଷ୍ଟା ଓ ଶ୍ରୀ ରମାକାନ୍ତ ମହାପାତ୍ର କାର୍ଯ୍ୟାଳୟ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉକ୍ତ ବୈଠକରେ ଯୋଗଦାନ କରିଥିଲେ ।ଶ୍ରୀ ଦାଶ୍ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ତାଙ୍କର ଅଭିଭାଷଣରେ ଜୟପୁର ଓ ବୋରିଗୁମ୍ମା ଠାରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ବୈଠକ କରିବା ସହିତ କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାର ଓ ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କରିଥିବା ନେଇ ମଂଚାସିନ ନେତୃବୃନ୍ଦ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ଙ୍କ ସାଙ୍ଗଠନିକ ଦକ୍ଷତା, କର୍ମଚାରୀ ସେବା କର୍ମଷ୍ଠ, ସଂଘୀୟ ମମତା ସହିତ ସମୟାନୁବର୍ତିତା ଯୋଗୁଁ ମୁଖ୍ୟ ଅତିଥି ଙ୍କ ତରଫରୁ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ସାଙ୍ଗଠନିକ ସମ୍ପାଦକ, ଅଧକ୍ଷ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉତ୍ତରୀୟ ଓ ମାନପତ୍ର ଦେଇ ଶ୍ରୀ ଦାଶ୍ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପରି ଶେଷରେ ଶ୍ରୀ ଜ୍ଞାନ ରଞ୍ଜନ ଦାଶ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

## ଜୟପୁର ସିଟିଜେନ କମିଟିର ବୈଠକ

ଜୟପୁର , ୧୨/୦୮ (ନି.ପ୍ର): ଜୟପୁର ସହରର ଅଗ୍ରିଣ ଅନୁଷ୍ଠାନ ଜୟପୁର ସିଟିଜେନ କମିଟି ତାହାର କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ରେ ଜୟପୁର ସହରରେ ସମ୍ପୂର୍ଣ ଭିତ୍ତି ଭୂମି ପ୍ରସ୍ତୁତ ହୋଇ ରୋହିଥିବା କେନ୍ଦ୍ରୀୟ ବିଦ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବୀ କରିଛନ୍ତି ଏହା ସହ ଜୟପୁର ମୁଖ୍ୟ ଡାକଘର ଠାରେ ଏକ ରାତ୍ରୀ କାଳୀନ ଡାକ ଘର ଆରମ୍ଭ କରିବା ଏବଂ ଡାକଘରେ ରେଳ ଟିକେଟ ବିକ୍ରି କରିବା ପାଇଁ ଦାବୀ କରିଛି। ପ୍ରତ୍ୟେକ ବର୍ଷ ଭଳି ଆଗମୀ ଅକ୍ଟୋବର ୧ ତାରିଖରେ ବୟଜ୍ୟେଷ୍ଟ ନାଗରିକ ଦିବସ ପାଳନ ନିଜସ୍ୱ ଭବନରେ ପାଳନ କରିବାକୁ ନିଷ୍ପୋତି ନେବା ସହ ଏହି ଦିବସରେ ମୁଖ୍ୟ ଅତିଥି ସନ୍ମାନିତ ଏବଂ ମୁଖ୍ୟ ବକ୍ତା ନିର୍ଦ୍ଧାରଣ କରିବାକୁ ସଭାପତିଙ୍କୁ ଦାଇତ୍ୱ ଦିଆଯିବା ସହ ଏକ କମିଟି କରାଯାଇ ଜୟପୁର ସହରର ପାଂଚ ଜଣ ବୟଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଚିହ୍ନଟ କରିବାକୁ ଦାଇତ୍ୱ ଦିଆଯାଇଛି ।

# ମାସିକ ରଚନା ସନ୍ଧ୍ୟା : ଅନ୍ଧବିଶ୍ୱାସ ପ୍ରତି ସାମାଜିକ ସଚେତନତା ଶୀର୍ଷକ ଆଲୋଚାଚକ୍ର

ବଲାଙ୍ଗୀର, ୧୨/୦୮ (ନି.ପ୍ର): ସମଗ୍ର ସମାଜରେ କାୟାବିସ୍ତାର କରିଥିବା ଅନ୍ଧବିଶ୍ୱାସ ଦୂରୀକରଣ ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। କେବଳ ଆମ ଦେଶରେ ନୁହେଁ ଅନେକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ରର ଜନତା ମଧ ଏହି ଅନ୍ଧବିଶ୍ୱାସର ଶିକାର ହୋଇ ଧନଜୀବନ ହାନି କରିଥାନ୍ତି। ନିତିଦିନିଆ ଜୀବନକୁ ସୁଗମ କରିବା, ଆର୍ଥିକ ସ୍ୱଚ୍ଛଳତା ହାସଲ କରିବା, ପଦପଦବୀ ଲାଭ ବା ମାଲିମକଦ୍ଦମାରେ ବିଜୟ ହେବାର ଆଶାରେ ଉଭୟ ପାଠୁଆ ଓ ଅପାଠୁଆ ଲୋକେ ଅନ୍ଧବିଶ୍ୱାସକୁ ଗ୍ରହଣ କରିନେଇଥାନ୍ତି। ସରକାରୀ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା, ସ୍କୁଲକଲେଜରେ ଉଚିତ ଶିକ୍ଷା ଓ ଗଣମାଧମରେ ପ୍ରଚାର ପ୍ରସାର ଫଳରେ ସମାଜରୁ ଏହାକୁ ଦୂର କରାଯାଇ ପାରିବ ବୋଲି ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ତରଫରୁ ସ୍ଥାନୀୟ ପି ପି ଏକାଡେମୀ ସଭାକକ୍ଷରେ ଆୟୋଜିତ 'ମାସିକ ରଚନା ସନ୍ଧ୍ୟା' କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। 'ରଚନା'ର ସଦସ୍ୟା ସସ୍ମିତା ନେପାକଙ୍କ ସଂଯୋଜନାରେ ଆୟୋଜିତ 'ଅନ୍ଧବିଶ୍ୱାସ ପ୍ରତି ସାମାଜିକ ସଚେତନତା' ଶୀର୍ଷକ ଏହି ଆଲୋଚନାଚକ୍ରରେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ସାତ୍ୱିକ ଆଚାର୍ଯ୍ୟ, ପି ପି ଏକାଡେମୀର ଶିକ୍ଷୟିତ୍ରୀ ଧନବନ୍ତି ବରିହା, ଭୀମଭୋଇ ମେଡିକାଲ କଲେଜ ଶିଶୁରୋଗ ବିଭାଗରେ କାର୍ଯ୍ୟରତ ଡାକ୍ତର ନିହାର ପଟ୍ଟନାୟକ ଓ ପ୍ରମେୟ କେବିକେ ସଂସ୍କରଣ ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ଆଲୋଚକ ଭାବରେ ଯୋଗଦେଇ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସାମ୍ନା କରୁଥିବା ବିଭିନ୍ନ ଅନ୍ଧବିଶ୍ୱାସ ଓ ଏହାର କୁପରିଣତି ତଥା ସାଧାରଣ ଜନତା ସାମ୍ନା କରୁଥିବା ବିଭିନ୍ନ ଅନ୍ଧବିଶ୍ୱାସର ଉଦାହରଣ ଦେଇ ସମସ୍ତଙ୍କୁ ସଚେତନ କରିଥିଲେ କ୍ଷ ନିକଟରେ ବଲାଙ୍ଗିର ଜିଲ୍ଲାରେ ଘଟିଯାଇଥିବା ଏକ ଅଭାବନୀୟ ଘଟଣା ଯାହାକି ଅନ୍ଧବିଶ୍ୱାସର ଏକ ଭୟଙ୍କର ପରିଣତି ଏହିପରି ଅଭିଯୁକ୍ତଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଓ ଗ୍ରାମାଂଚଳରେ ସଚେତନତା ଜରୁରୀ ବୋଲି ସମସ୍ତେ ଏକମତ ହୋଇଥିଲେ।

# ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୧୨/୦୮ (ନି.ପ୍ର): ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତ ନୂଆକୂଳସ୍ଥ ମଙ୍ଗଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ବିଦାୟକଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ଉତ୍ସବରେ ବାଙ୍କସାହି କ୍ଲଷ୍ଟରର ପୂର୍ବତନ ସିଆରସିସି ବ୍ରଜ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନିମ୍ନ ମାଧମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଓ ମୁଖ୍ୟବକ୍ତାଭାବେ ଧର୍ମଶାଳା ମଣ୍ଡଳର ପ୍ରାକ୍ତନ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଦାୟୀ ଶଇ୪କଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ପଦ୍ମଜା ଶରଣ ମଂଚ ପରିଚାଳନା କରିଥିଲେ । ଛାତ୍ରମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ , ବାଙ୍କସାହି କ୍ଲଷ୍ଟର,ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ମାନପତ୍ର ଓ ଉତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା,ପୁରତନଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ବାଙ୍କସାହି କ୍ଲଷ୍ଟର ସିଆରସିସି ପରିକ୍ଷିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶେଷରେ ଶ୍ରୀ ପ୍ରଧାନଙ୍କୁ ଏକ ଖୋଲା ଗାଡିରେ ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ ।

# ସ୍ତନ୍ୟପାନର ଉପକାରିତା : ମା' କ୍ଷୀର ଜୀବାଣୁ ଓ ଭୂତାଣୁ ସଂକ୍ରମଣଠାରୁ ଶିଶୁକୁ ରକ୍ଷା କରେ



ମା' କ୍ଷୀର ନବଜାତ ଶିଶୁଙ୍କ ପାଇଁ ଅମୃତ ଆହାର। ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ତଥା ଶାରୀରିକ ଓ ମାନସିକ ବିକାଶ ପାଇଁ ଆବଶ୍ୟକ ପୌଷ୍ଟିକ ଆହାର, କେବଳ ମା' କ୍ଷୀରରୁ ହିଁ ମିଳେ। ସେଥିପାଇଁ ଶିଶୁ ଜନ୍ମ ହେବା ପରଠାରୁ ୬ ମାସ ପର୍ଯ୍ୟନ୍ତ ତାକୁ କେବଳ ମା' କ୍ଷୀର ଦେବା ଆବଶ୍ୟକ। ପ୍ରସବ ପରେ ସୃଷ୍ଟି ହେଉଥିବା ମା'ର କଷ କ୍ଷୀରରେ ପ୍ରଚୁର ପରିମାଣ ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ତଥା ଅନ୍ୟାନ୍ୟ ୧୦୦ ପ୍ରକାରର ଉପାଦାନ ରହିଥାଏ। ଯାହାକି ଶିଶୁର ଶାରୀରିକ ଓ ମାନସିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିସହିତ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ମା'ର ପ୍ରଥମ କ୍ଷୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ବିଭିନ୍ନ ପ୍ରକାରର ଜୀବାଣୁ ଓ ଭୂତାଣୁ ସଂକ୍ରମଣଠାରୁ ଶିଶୁକୁ ରକ୍ଷା କରିବାରେ ସହାୟକ ହୋଇଥାଏ।

ସାଧାରଣ ପ୍ରସବର ଏକ ଘଣ୍ଟା ମଧ୍ୟରେ ଶିଶୁକୁ ମା' କ୍ଷୀର ଖୁଆଇବା ଉଚିତ୍। କିନ୍ତୁ ସିଜରିଆନ୍ ଡେଲିଭରି ଦ୍ୱାରା ପ୍ରସବ କରାଯାଇଥିଲେ ଶିଶୁ ଜନ୍ମର ଦୁଇଘଣ୍ଟା ପରେ ସ୍ତନ୍ୟପାନ କରାଯାଇପାରିବ। ନିୟମିତ ସ୍ତନ୍ୟପାନ କରାଉଥିବା ଶିଶୁମାନଙ୍କୁ ତରଳ ଝାଡ଼ା, ତଣ୍ଟି ଓ ଫୁସ୍‌ଫୁସ୍ ସଂକ୍ରମଣ, ଟାଇଫଏଡ୍, ଚର୍ମରୋଗ, କଲେରା ପ୍ରଭୃତି ରୋଗ ହେବାର ସମ୍ଭାବନା କମ୍ ଥାଏ। ନିୟମିତ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ଓଜନ ପ୍ରସବ ପରେ ବଢ଼େ ନାହିଁ, ଚୁଟି ଝଡ଼େ ନାହିଁ। ଏହି ମହିଳାମାନଙ୍କୁ ସ୍ତନ କର୍କଟ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ମଧ୍ୟ କମ୍ ଥାଏ। ସ୍ତନ୍ୟପାନ ପରେ ଶିଶୁଟିକୁ କାନ୍ଧରେ ପକାଇ ପିଠିକୁ ଥାପୁଡ଼େଇ ଦେଲେ ସେ ହାକୁଟି ମାରିଥାଏ। ଏହା ଦ୍ୱାରା ତା' ପେଟ ଭିତରକୁ ଯାଇଥିବା ପବନ ବାହାରି ଆସେ ଫଳରେ ସେ ବାନ୍ତି କରେନାହିଁ। ଶିଶୁକୁ ସବୁବେଳେ ଦୁଇ ସ୍ତନରୁ ସମ ପରିମାଣରେ କ୍ଷୀର ପିଆଇବା ଉଚିତ୍। ସ୍ତନ୍ୟପାନ କରାଇବା ବେଳେ ଶିଶୁକୁ ଆଦୌ ଗୋଟିଏ ପଟେ କଡ଼େଇ ଖୁଆଇବା ଉଚିତ୍ ନୁହେଁ। ଏହା ଦ୍ୱାରା କ୍ଷୀର ଶିଶୁର ଛାତି ଭିତରକୁ ଚାଲିଯାଇ ଶ୍ୱାସନଳୀ ମଧ୍ୟ ବନ୍ଦ କରି ଦେଇପାରେ। ସ୍ତନ୍ୟପାନ କରାଇବା ବେଳେ ମହିଳାଙ୍କ ଶରୀରରୁ ଅକ୍ସିଟୋସିନ୍ ହରମୋନ ବାହାରେ ଯାହା ମହିଳାଙ୍କ ଜରାୟୁକୁ ସଙ୍କୋଚନରେ ସାହାଯ୍ୟ କରିଥାଏ ଫଳରେ ପ୍ରସବ ପରେ ଅଧିକ ରକ୍ତସ୍ରାବ ବନ୍ଦ କରାଇ ଶରୀରରେ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। ନିୟମିତ ସ୍ତନ୍ୟପାନ କରାଉଥିବା ମହିଳାଙ୍କର ରତୁସ୍ରାବ ବନ୍ଦ ରୁହେ ଓ ଡିମ୍ବାଣୁ ନିସ୍କୃତ ମଧ୍ୟ ବନ୍ଦ ରହେ। ତେଣୁ ଏହି ସମୟରେ ଗର୍ଭ ରହିବାର ସମ୍ଭାବନା ମଧ୍ୟ କମ୍ ଥାଏ। ସ୍ତନ୍ୟପାନ କରାଉଥିବା ମା' କୌଣସି ରୋଗ ପାଇଁ ଔଷଧ ଖାଉଥିଲେ ଡାକ୍ତରଙ୍କ ପରାମର୍ଶରେ ସ୍ତନ୍ୟପାନ କରାଇବା ଉଚିତ୍। କାରଣ କେତେକ ଔଷଧର ଉପାଦାନ ମା' କ୍ଷୀର ଦେଇ ଶିଶୁର ଶରୀରକୁ ଯାଇ ଅସୁବିଧା କରିଥାଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ୍।

# ଆଧ୍ୟାତ୍ମିକ, ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ 'ବେଲପତ୍ର'ର ମହତ୍ତ୍ୱ



ହିନ୍ଦୁଧର୍ମରେ ଏମିତି ଅନେକ ବୃକ୍ଷଲତା ଅଛି, ଯେଉଁଥିରେ ଦେବଦେବୀ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ସେସବୁ ମଧ୍ୟରେ ବେଲଗଛ ଅନ୍ୟତମ। ଦେବ ଦେବ ମହାଦେବଙ୍କ ପ୍ରିୟ ବେଲପତ୍ରର ମହତ୍ତ୍ୱ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁଶାସ୍ତ୍ର ସହିତ ଆୟୁର୍ବେଦରେ ମଧ୍ୟ ରହିଛି। ତେବେ ବେଲଗଛ ଲଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିଗ ଅଛି। କାରଣ ଦିଗ ଅନୁସାରେ ଏହାକୁ ଲଗାଇବା ଦ୍ୱାରା ଅନେକ ବାସ୍ତୁଦୋଷ ଦୂର ହୋଇଥାଏ। ବେଲପତ୍ର ବିନା ମହାଦେବଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି କୁହାଯାଏ। ସୋମବାର ଦିନ ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା ମହାଦେବ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ଏବଂ ଭକ୍ତଙ୍କ ସବୁ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ।

ଶିବପୁରାଣରେ କୁହାଯାଇଛି ଯେ, ଯେଉଁ ଘରେ ବେଲଗଛ ଅଛି, ତାହା କୌଣସି ତୀର୍ଥସ୍ଥଳଠାରୁ କମ୍ ନୁହେଁ। ଜ୍ୟୋତିଷଶାସ୍ତ୍ର ଅନୁସାରେ, ବେଲପତ୍ରକୁ କେବେ ମଧ୍ୟ ବାସି ବୋଲି କୁହାଯାଏ ନାହିଁ। ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା କୋଟି କନ୍ୟାଦାନର ପୁଣ୍ୟ ମିଳିଥାଏ। ଦରିଦ୍ରତା ଦୂର ହେବା ସହ ମା' ଲକ୍ଷ୍ମୀଙ୍କର କୃପା ମଧ୍ୟ ପ୍ରାପ୍ତ ହୁଏ। ଟଙ୍କା ରଖାଯାଉଥିବା ସ୍ଥାନରେ ବେଲପତ୍ର ରଖିବା ଲାଭଦାୟକ। ଏହାଦ୍ୱାରା ଘରେ ଖୁସି ଓ ସୁଖସମୃଦ୍ଧିର ଆଗମନ ହୋଇଥାଏ। ବାସ୍ତୁ ଅନୁସାରେ, ଧନ ବୃଦ୍ଧି ପାଇଁ ଘରର ଉତ୍ତର-ଦକ୍ଷିଣ ଦିଗରେ ବେଲଗଛ ଲଗାଇବା ଆବଶ୍ୟକ। ଘରେ ବେଲଗଛ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କର ପାପକ୍ଷୟ ହୋଇଥାଏ।

ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଘରର ଉତ୍ତର-ପଶ୍ଚିମ ଦିଗରେ ବେଲଗଛ ଲଗାଇବା ଦ୍ୱାରା ଘରର ସଦସ୍ୟମାନେ ଶକ୍ତିବାନ ଓ ବୁଦ୍ଧିସମ୍ପନ୍ନ ହୋଇଥାନ୍ତି। ବାସ୍ତୁ ଅନୁସାରେ ଘରେ ବେଲଗଛ ଥିଲେ, କୌଣସି ନକାରାତ୍ମକ ଶକ୍ତି ଘର ଭିତରକୁ ପ୍ରବେଶ କରିନଥାଏ ଏବଂ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ, ଘରେ ବେଲ ଗଛ ଲଗାଇବା ଦ୍ୱାରା ଚନ୍ଦ୍ରଦୋଷ ଦୂର ହୋଇଥାଏ। ଏହା ସହିତ ଜାତକରେ ଥିବା ଅନ୍ୟ ଦୋଷ ମଧ୍ୟ ଦୂର ହୁଏ। ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଓ ଅମାବାସ୍ୟା, ସଂକ୍ରାନ୍ତି ତିଥି ଏବଂ ସୋମବାର ଦିନ ବେଲପତ୍ର ତୋଳିବା ଉଚିତ ନୁହେଁ। ଗୋଟିଏ ଶାଖାରେ ଥିବା ତିନୋଟି ପତ୍ରକୁ ଭିନ୍ନ ଭିନ୍ନ କରି ତୋଳନ୍ତୁ ନାହିଁ। ତ୍ରିଶାଖା ବେଲପତ୍ର ଶିବଲିଙ୍ଗ ଉପରେ ଅର୍ପଣ କରନ୍ତୁ।

# ଗାଡ଼ିରେ ରଖନ୍ତୁ ଏହି ସବୁ ଜିନିଷ, ଦୂର ହେବ ନକାରାତ୍ମକତା ଶକ୍ତି...



ବାସ୍ତୁ ଅନୁସାରେ, ନକାରାତ୍ମକ ଶକ୍ତିକୁ କମ୍ କରିବା ପାଇଁ ଘର ବ୍ୟତୀତ ଯାନବାହନର ବାସ୍ତୁ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ଯାନବାହନଗୁଡ଼ିକରେ ଲୁହାର ବ୍ୟବହାର କରାଯାଇଥାଏ। ଲୁହା ନକାରାତ୍ମକ ଶକ୍ତିକୁ ବଢ଼ାଇ ଦେଇଥାଏ ବୋଲି କୁହାଯାଏ। ଏହି କ୍ରମରେ ଗାଡ଼ିରେ ଏପରି କିଛି ଜିନିଷ ରଖିବା ଉଚିତ, ଯାହା ନକାରାତ୍ମକ ଶକ୍ତିକୁ ହ୍ରାସ କରିବ।

♦ ଗାଡ଼ିରେ ଠାକୁରଙ୍କ ମୂର୍ତ୍ତି ରଖିବା ଉଚିତ। ବିଶେଷକରି ଗାଡ଼ିର ଡ୍ୟାସ୍‌ବୋର୍ଡରେ ଶ୍ରୀଗଣେଶ, ଦୁର୍ଗାମାତା, ଭଗବାନ ଶିବଙ୍କ ମୂର୍ତ୍ତି ରଖିବା ଭଲ ହୋଇଥାଏ। ଦେବୀ ଦେବତାଙ୍କ କୃପା ଯୋଗୁ ସବୁ ସଙ୍କଟ ଦୂର ହୋଇଥାଏ।

♦ ସେହିଭଳି ଗାଡ଼ିରୁ ନକାରାତ୍ମକ ଶକ୍ତିକୁ ବାଦ୍ ଦେବାପାଇଁ କଇଁଛ ମୂର୍ତ୍ତି ରଖିପାରିବେ। ଏହା ବେଶ୍ ଶୁଭଦାୟକ ହୋଇଥାଏ।

♦ କାରରେ ଭଗବାନ ଶିବଙ୍କ ଡମ୍ବରୁ, ଦୁର୍ଗା ମାତାଙ୍କ ଚୁନ୍ନରି, ମୟୂର ପର ରଖିବା ଶୁଭଦାୟକ ହୋଇଥାଏ। ଏହାଦ୍ୱାରା ସବୁ ବାଧାବିଘ୍ନ ଟଳିଯାଏ ବୋଲି କୁହାଯାଏ।

♦ ଗାଡ଼ିରେ କ୍ରିଷ୍ଟାଲ୍ ପଥର ରଖିବା ଭଲ ହୋଇଥାଏ।

♦ କାରରେ ସୁନେଲି ରଙ୍ଗର ଚାଇନିଜ୍ ମୁଦ୍ରା ରଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ ବୋଲି କୁହାଯାଏ। ଏହାଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ।

♦ ସେହିଭଳି ଗାଡ଼ିରେ କୌଣସି ଭାଙ୍ଗି ଯାଇଥିବା ଜିନିଷ ରଖିବା ଉଚିତ ନୁହେଁ କି ଏଥିରେ ମଇଳା ଜମି ରହିବା ଆଦୌ ଶୁଭଦାୟକ ନୁହେଁ। ବିଶେଷକରି କାର କାଚଗୁଡ଼ିକ ସଫା ରଖିବା ଜରୁରି।

♦ ଗାଡ଼ିରେ ପାଣିପୂର୍ଣ୍ଣ ବୋତଲ ରଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଜଳତତ୍ତ୍ୱ ରାହୁଙ୍କ ପ୍ରଭାବକୁ କମ୍ କରିଥାଏ। ଏହା ଦୁର୍ଘଟଣାରୁ ରକ୍ଷା କରିଥାଏ ବୋଲି କୁହାଯାଏ।

# ଆଳୁର ଇତିହାସ

ଆଳୁ ସମସ୍ୟା ନେଇ ଏବେ ଆମ ରାଜ୍ୟବାସୀ ବେଶ ଚିନ୍ତାରେ, କାରଣ ଦିନକୁ ଦିନ ଆଳୁର ରେଟ୍ ବଢିବାରେ ଲାଗିଛି। ଦିନେ ୨୦ ଟଙ୍କାରୁ କମ୍ ଦାମରେ ମିଳୁଥିବା କେଜିଏ ଆଳୁ ଏବେ ୭୦ ଛୁଇଁଛି। ତେବେ ବଜାରରେ ଆଳୁର ସଙ୍କଟ ଆଗକୁ ଖାଉଟିଙ୍କୁ ବଡ଼ ଅସୁବିଧାରେ ପକାଇବ ବୋଲି ମଧ୍ୟ କୁହାଯାଉଛି। କାରଣ ଆଳୁ ହେଉଛି ସେହି ଜିନିଷ ଯେଉଁଥିରୁ କେବଳ ଗୋଟିଏ ନୁହେଁ ହଜାର ହଜାର ଖାଦ୍ୟ ସାମଗ୍ରୀ ତିଆରି କରାଯାଇପାରିବ । ଡାଲମା ହେଉ କି ସନ୍ତୁଳା, କି ଚିକେନ ହେଉକି ମଟନ ଅବା ସିଙ୍ଗଡା କି ଚପ୍? ସବୁ ଥିରେ ଆଳୁ ଲୋଡା। ଯଦି ଆଳୁ ନାହିଁ, ତ ସିଏ ତିଅଣରେ ମଜା ବି ନାହିଁ । ପ୍ରତ୍ୟେକ ପନିପରିବା ସହିତ ଏହାର ବ୍ୟବହାର ହେତୁ ଏହାକୁ ପନିପରିବାର ରାଜା କୁହାଯାଏ। ଘରେ କିଛି ପରିବା ଥାଉ କି ନଥାଉ ଆଳୁ ଥିଲେ ଗୋଟିଏ ପରିବାର ବଞ୍ଚିଯାଇପାରିବ।

ତେବେ ଆପଣ ଜାଣନ୍ତି ସବୁ ଭାରତୀୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଖାଦ୍ୟ ପାଲଟିଥିବା ଆଳୁ ଭାରତରେ ଜନ୍ମ ହୋଇନଥିଲା। ଅର୍ଥାତ ଆଳୁ ଆମର ଦେଶୀ ପରିବା ନୁହେଁ, ଏହା ଏକ ବିଦେଶୀ ପରିବା। କିନ୍ତୁ ଆମ ଭାରତୀୟଙ୍କର ଏହା ପ୍ରିୟ ଖାଦ୍ୟ। ଆଳୁକୁ ବିଦେଶୀ ପରିବା ଜାଣିବା ପରେ ଆପଣ ଭାବୁଥିବେ ନାଁ ମ ଏହା କେମିତି? କାରଣ ଆଳୁ ଆମ ଭାରତୀୟଙ୍କର ପ୍ରିୟ, ଆଳୁ ବିନା ଆମ ତିଅଣ ଅଧା। ହେଲେ ଏହା ସତ ଯେ ଆଳୁ ଏକ ବିଦେଶୀ ପରିବା, ଯାହା ଆମ ଦେଶର ଲୋକଙ୍କ ମନ ଜିଣି ନେଇ ରାଜ୍ କରୁଛି।

ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା 'ବିବିସି'ର ଏକ ରିପୋର୍ଟ ଅନୁଯାୟୀ, ୧୬ଶ ଶତାବ୍ଦୀ ପର୍ଯ୍ୟନ୍ତ ଆଳୁ କଣ ଏହା କେବଳ ସାଉଥ ଆମେରିକାର 'ପେରୁ'ର ଲୋକଙ୍କୁ ଜଣା ଥିଲା। କାରିବିଆନ୍ ଦ୍ୱୀପପୁଞ୍ଜରେ ଆଳୁ ଚାଷ ଆରମ୍ଭ ହୋଇଥିଲା। କେବଳ ଏତିକି ନୁହେଁ, ସେହି ସମୟ ମଧ୍ୟରେ ଆଳୁକୁ 'କମାଟା ଓ ବଟାଟା' ନାଁରେ ଚିହ୍ନା ଯାଉଥିଲା। ଏହି ୧୬ଶ ଶତାବ୍ଦୀ ପରେ ସ୍ପେନରେ ପହଞ୍ଚିଥିଲା । ଏହା ସ୍ପେନ ଦେଇ ୟୁରୋପରେ ପ୍ରବେଶ କଲା। ଯେତେବେଳେ କଲମ୍ବସ୍ ସମଗ୍ର ବିଶ୍ୱରେ ଯାତ୍ରା ଆରମ୍ଭ କଲେ, ସେତେବେଳେ ସେ ସମୁଦ୍ର ମାଧ୍ୟମରେ ଆଳୁକୁ ପୃଥିବୀର ବିଭିନ୍ନ ମହାଦେଶକୁ ପରିବହନ କରିଥିଲେ। ୟୁରୋପରେ ପହଞ୍ଚିବା ପରେ ବାଟାଟାଙ୍କ ନାମ ପଟାଟୋରେ ପରିବର୍ତ୍ତିତ ହେଲା। ତେବେ ଏସବୁ ମଧ୍ୟରେ କିନ୍ତୁ ବିଶ୍ୱରେ ଆଳୁ ଚାଷର ପ୍ରାଥମିକ ପ୍ରମାଣ କାନାଡାରେ ମିଳିଥାଏ। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ଏହା ୧୬୨୩ ରୁ ସେଠାରେ ଚାଷ କରାଯାଏ । ତା'ପରେ ବ୍ରିଟିଶ ଦ୍ୱୀପପୁଞ୍ଜରୁ ଆଳୁ ପୂର୍ବ ଦିଗକୁ ଗଲା ଏବଂ ଉତ୍ତର ୟୁରୋପରେ ବ୍ୟାପିଗଲା । ୧୬୫୦ ସୁଦ୍ଧା ଆଳୁ ବେଲଜିୟମ, ନେଦରଲ୍ୟାଣ୍ଡ ଏବଂ ଲକ୍ସେମବର୍ଗରେ ପହଞ୍ଚିଥିଲା । ୧୭୪୦ ସୁଦ୍ଧା ଜର୍ମାନୀ, ପ୍ରୁସିଆ ଏବଂ ପୋଲାଣ୍ଡରେ ପହଞ୍ଚିବା ପରେ ୧୮୪୦ ରୁଷରେ ପହଞ୍ଚିଥିଲା।



**ଭାରତକୁ କେମିତି ଆସିଲା ଆଳୁ:**

କଲମ୍ବସ୍ ସମଗ୍ର ବିଶ୍ୱରେ ଆଳୁକୁ ପରିଚିତ କରିଥିବା କୁହାଯାଉଥିଲେ ହେଁ ଭାରତକୁ ସେ ଆଳୁ ଆଣି ନଥିଲେ। ଭାରତକୁ ପର୍ତ୍ତୁଗାଲ ଓ ଡଚ୍‌ମାନେ ଆଳୁ ଆଣିଥିଲେ । ପ୍ରାୟ ଅଷ୍ଟାଦଶ ଶତାବ୍ଦୀରେ, ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ଆଳୁ ଚାଷ ଆରମ୍ଭ କରିବାର ନୀତି ଆପଣେଇଥିଲେ ବୋଲି ଜଣାପଡେ। ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଆଳୁ ବ୍ୟବସାୟ ଲାଭଜନକ ହେବା ଦେଖି ପ୍ରାୟ ୧୮୦୦ ମସିହା ବେଳକୁ ଭାରତରେ ଆଳୁ ଚାଷ ଆରମ୍ଭ ହୋଇଥିଲା । ଯାହା ଫଳରେ ଭାରତରେ ବହୁଳ ଭାବରେ ଆଳୁଚାଷ ଆରମ୍ଭ ହୋଇଯାଇଥିଲା । ଭାରତର ଜନତା ମାନେ ବି ଆଳୁକୁ ପସନ୍ଦ କରିବାକୁ ଲାଗିଲେ । ଅନ୍ୟପଟେ କୁହାଯାଏ କି ଇଷ୍ଟ ଇଣ୍ଡିଆ କମ୍ପାନୀର ଆଳୁ ନୀତି ଅନୁଯାୟୀ, ବହୁ ପରିମାଣରେ ଆଳୁ ଉଦ୍ଭିଦକୁ ଚାଷୀଙ୍କୁ ଶସ୍ତା ମୂଲ୍ୟରେ ବିକ୍ରି କରାଗଲା ଏବଂ ଧୀରେ ଧୀରେ ଆଳୁ ପ୍ରତ୍ୟେକ କ୍ଷେତ୍ରରେ ଚାଷ କରାଯାଉଥିବା ଫସଲରେ ପରିଣତ ହେଲା । ଭାରତରେ ଆଳୁକୁ ପ୍ରୋତ୍ସାହିତ କରିବାର ଶ୍ରେୟ ୱାରେନ୍ ହାଷ୍ଟିଙ୍ଗ୍ସଙ୍କ ନିକଟକୁ ଯାଇଥାଏ, ଯିଏ ୧୭୭୨ ରୁ ୧୭୮୫ ପର୍ଯ୍ୟନ୍ତ ଭାରତର ଗଭର୍ଣ୍ଣର ଜେନେରାଲ୍ ଥିଲେ। କାରଣ ତାଙ୍କ ସମୟରେ ଆଳୁ ଚାଷକୁ ପୋତ୍ସାହନ ମିଳିଥିଲା, ଯାହା ଫଳରେ ଭାରତରେ ଆଳୁ ଚାଷ ବଢିବାରେ ଲାଗିଲା। ଆଉ ଆଜି ଆଳୁ ହୋଇଯାଇଛି ପରିବା ମାନଙ୍କର ରାଜା।

# ବାସ୍ତୁ ବିଚାର: କେଉଁଠି ରଖିବେ ଘରର ଚାବି

ଘର, ଆଲମିରା ଠାରୁ ଆରମ୍ଭ କରି ଯାନବାହନଗୁଡ଼ିକ ସୁରକ୍ଷିତ ରଖୀବା ପାଇଁ ତାଲା ପକାଯାଏ। ଖାସ୍ ସେଥିପାଇଁ ଏହି ଚାବିଗୁଡ଼ିକୁ ଏପରି ସ୍ଥାନରେ ରଖାଯାଏ ଯେପରି ଏହା ସହଜରେ ମିଳିଯିବ। ତେବେ ବାସ୍ତୁଶାସ୍ତ୍ରରେ ଘରର ପ୍ରତ୍ୟେକ ଜିନିଷ ପାଇଁ କିଛି ନା କିଛି ବାସ୍ତୁ ନିୟମ ଅଛି। ଏହି ଧାରାରେ ଚାବି ପାଇଁ ମଧ୍ୟ କିଛି ନୀତିନିୟମ ଅଛି। ତେବେ ଆସନ୍ତୁ ଜାଣିବା, ଚାବି ସମ୍ପର୍କିତ କିଛି ବାସ୍ତୁ ନିୟମ। ଘରର ଡ୍ରଇଂ ରୁମ୍‌ରେ କେବେ ଚାବି ରଖୀବା ଉଚିତ ନୁହେଁ। କାରଣ ଏଠାରେ ଚାବି ରଖୀବା ଦ୍ୱାରା ସମସ୍ତଙ୍କ ନଜର ଚାବି ଉପରେ ପଡ଼ିଥାଏ।



♦ ସେହିଭଳି ପୂଜାଘରେ ଚାବି ରଖୀବା ଅନୁଚିତ। କାରଣ ଏହା ଘରର ସବୁଠୁ ପବିତ୍ର ସ୍ଥାନ ହୋଇଥାଏ। ଅନ୍ୟପକ୍ଷରେ ଚାବି ସବୁବେଳେ ବ୍ୟବହାର କରାଯାଉଥିବାରୁ ଏହା ମଇଳା ହୋଇଥାଏ। ଏଥିଯୋଗୁ ପୂଜାଘରେ ନକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ।

♦ ଦୋକାନ ଓ ଗାଡ଼ି ଚାବିକୁ ସବୁବେଳେ ଉତ୍ତର-ପଶ୍ଚିମ ଦିଗରେ ରଖୀବା ଉଚିତ। ଆଲମାରୀ ବା କୌଣସି ଲକରର ଚାବି ଦକ୍ଷିଣ-ପଶ୍ଚିମ ଦିଗରେ ରଖୀବା ଭଲ। ଦକ୍ଷିଣ-ପୂର୍ବ କିମ୍ବା ଆଗ୍ନେୟ କୋଣରେ କୌଣସି ଚାବି ରଖନ୍ତୁ ନାହିଁ।

♦ ଚାବିଗୁଡ଼ିକୁ ରଖୀବା ପାଇଁ କି-ହ୍ୟାଙ୍ଗର ବ୍ୟବହାର କରନ୍ତୁ। ପ୍ଲାଷ୍ଟିକ୍‌ର କି-ହ୍ୟାଙ୍ଗର କିଣନ୍ତୁ ନାହିଁ।

♦ କାଠରେ ତିଆରି କି-ହ୍ୟାଙ୍ଗର ଭଲ ହୋଇଥାଏ, କିନ୍ତୁ ଏଥିରେ ଯେମିତି ଆଇନା ନଥିବ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

# ସବୁବେଳେ ଇୟରଫୋନ୍ ବ୍ୟବହାର କରୁଛନ୍ତି କି ? ତେବେ ଜାଣନ୍ତୁ...



ଆଜିକାଲି ଲୋକେ ସ୍ମାର୍ଟଫୋନ୍ ବିନା ଘଡ଼ିଏ ରହିପାରୁ ନାହାନ୍ତି। କାମ କରିବା କିମ୍ବା ଯାତ୍ରା କରିବା ସମୟରେ ଅନେକେ ଇୟରଫୋନ୍ ଲଗାଇ ଗୀତ ଶୁଣନ୍ତି, ନଚେତ୍ ସୋସିଆଲ ମିଡିଆରେ ବ୍ୟସ୍ତ ରୁହନ୍ତି। ଦିନରେ ଏପରି ଅଳ୍ପ ସମୟ ପାଇଁ କଲେ କିଛି ଅସୁବିଧା ନାହିଁ, କିନ୍ତୁ କିଛି ଲୋକ ଏପରି ଅଛନ୍ତି, ଯେଉଁମାନେ କୌଣସି କାମ କରନ୍ତୁ, କିମ୍ବା ଖାଲି ବସିଥାନ୍ତୁ, କାନରେ ସବୁବେଳେ ସେମାନଙ୍କର ଇୟରଫୋନ୍ ଲାଗିଥାଏ। ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ। ଏଭଳି କରୁଥିଲେ ସାବଧାନ ହୋଇଯାନ୍ତୁ। ଦିନସାରା ଇୟରଫୋନ୍ ବ୍ୟବହାର କରୁଥିବା ଲୋକେ ଏହି ଅଭ୍ୟାସ ବଦଳାଇବା ଦରକାର। ଏହାକୁ ଜଣେ ଲଗାତାର ବ୍ୟବହାର କରିବା ଦ୍ୱାରା ଶ୍ରବଣ ଶକ୍ତି ହରାଇବା ଆଶଙ୍କା ଥାଏ। ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯଦି ଜଣେ ଦୁଇ ଘଣ୍ଟା ଅଧିକ ଜୋରରେ ଇୟରଫୋନ୍‌ରେ ସଙ୍ଗୀତ ଶୁଣନ୍ତି, ଏହାଦ୍ୱାରା ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ। କାନରେ ଇୟରଫୋନ୍ ଲଗାଇ ଜୋରରେ ଗୀତ ଶୁଣିବା ଦ୍ୱାରା ଏହା ଘାତକ ହୋଇପାରେ। ଏହାଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବଢ଼ିଯାଏ। ଯେତେବେଳେ ଆମେ ଅଧିକ ଜୋରରେ ଗୀତ ଶୁଣୁ ସେତେବେଳେ ଆମର ହୃଦ୍‌ସ୍ପନ୍ଦନ ବଢ଼ିଯାଏ। ଏଭଳି ନିୟମିତ ହେବା ଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବୃଦ୍ଧିପାଏ। ଦୀର୍ଘ ସମୟ ଧରି ଇୟରଫୋନ୍ ବ୍ୟବହାର କରିବା ଦ୍ୱାରା ଏହା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଇୟରଫୋନ୍‌ରୁ ବାହାରୁଥିବା ବିଦ୍ୟୁତ୍ ତରଙ୍ଗ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ଏହା ଆମର ମସ୍ତିଷ୍କ କୋଷିକାଗୁଡ଼ିକୁ ନଷ୍ଟ କରିଦିଏ। ଏହାଦ୍ୱାରା ଆମ ମସ୍ତିଷ୍କ ମାନ୍ଦା ହୋଇଯାଏ। ଯଦି ଜଣେ ଇୟରଫୋନ୍ ଲଗାଇ ଶୋଉଥାନ୍ତି କିମ୍ବା ଶୋଇବା ପୂର୍ବରୁ ଏଥିରେ ଗୀତ ଶୁଣୁଥାନ୍ତି ଏହାଦ୍ୱାରା ଅନିଦ୍ରା ସମସ୍ୟା ବୃଦ୍ଧିପାଏ। କେବଳ ସେତିକି ନୁହେଁ ଏହାଦ୍ୱାରା ନିଦରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ଏହା ଆମର ଜୈବିକ ଚକ୍ରକୁ ପ୍ରଭାବିତ କରିବା ଦ୍ୱାରା ଖାଇବାଠାରୁ ଆରମ୍ଭ କରି ଶୋଇବା ପ୍ରଭାବିତ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପାଠାଗାରାର ଆବଶ୍ୟକତା...

ଶିକ୍ଷା ଓ ଗବେଷଣାରେ ପାଠାଗାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାଛଡ଼ା ପାଠାଗାର ସାମାଜିକ ପ୍ରତିଷ୍ଠାନ ଓ ସର୍ବସାଧାରଣ ସେବାର ଏକ ମାଧ୍ୟମ ଭାବେ ବିକଶିତ ହେବା ଆବଶ୍ୟକ, ଯାହା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଜ୍ଞାନ ବିକାଶର ପରିବେଶ ସୃଷ୍ଟି କରିବ। ଏଥିମଧ୍ୟରେ ସୂଚନା, ଶିକ୍ଷା, ମନୋରଞ୍ଜନ ଏବଂ ସାଂସ୍କୃତିକ ଓ ଐତିହ୍ୟ ସଂରକ୍ଷଣ ପରି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ନିକଟରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ବିଧାନସଭା ପ୍ରାରମ୍ଭିକ ଅଭିଭାଷଣରେ 'ଲାଇବ୍ରେରୀ ଅନ୍ ହ୍ୱିଲ୍' ବା 'ଭ୍ରାମ୍ୟମାଣ ପାଠାଗାର' ବିଷୟରେ ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଜିଲ୍ଲାସ୍ତରୀୟ ଇ-ପାଠାଗାର ପ୍ରତିଷ୍ଠା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ପଠନ ଅଭ୍ୟାସକୁ ପ୍ରୋତ୍ସାହିତ କରାଯିବ ଏବଂ ପାଠାଗାର ଆନ୍ଦୋଳନ ବ୍ୟାପକ ତଥା ବ୍ୟବସ୍ଥିତ ହେବ ବୋଲି ମଧ ସେ ଘୋଷଣା କରିଛନ୍ତି। ଲୋକଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ ପାଠାଗାର ଆନ୍ଦୋଳନକୁ ଗ୍ରାମାଞ୍ଚଳ ଓ ୱାର୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ତ୍ୱରାନ୍ୱିତ କରିବା ଆବଶ୍ୟକ। ଏହାସହିତ ସେହିସବୁ ପାଠାଗାରରେ ଅଭିଜ୍ଞ ତଥା ତାଲିମପ୍ରାପ୍ତ ବୃତ୍ତିଗତ ଗ୍ରନ୍ଥାଗାରିକମାନଙ୍କୁ ନିଯୁକ୍ତ କରିବା ଆବଶ୍ୟକ, ଯେଉଁମାନେ ବିଭିନ୍ନ ପାଠାଗାର ସେବାଗୁଡ଼ିକୁ ଏକ ବୃତ୍ତିଗତ ଉପାୟରେ ପରିଚାଳନା କରିପାରିବେ। ପାଠାଗାରଗୁଡ଼ିକର ଆବଶ୍ୟକତା ସହିତ ଏହାର ଗୁରୁତ୍ୱ ଜାଣିବା ପାଇଁ ପ୍ରଥମେ ଲୋକଙ୍କୁ ସଚେତନ କରାଯିବା ଉଚିତ, ଯାହା ଗ୍ରନ୍ଥାଗାରିକମାନଙ୍କର କର୍ତ୍ତବ୍ୟ। ନାଗରିକମାନେ ମଧ ଏ ଦିଗରେ ଆଗ୍ରହ ପ୍ରକାଶ କରିବା ଉଚିତ। ରାଜ୍ୟରେ ପୂର୍ବ ସରକାରଙ୍କ ଅମଳରେ ଅନେକ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଇ-ପାଠାଗାର ମାନ ପ୍ରତିଷ୍ଠା ହୋଇଛି। କିନ୍ତୁ ଏଗୁଡ଼ିକର ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବା ବାକି ରହିଛି। ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ ସମାନ ଅବସ୍ଥା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠାଗାର ଓ ଗ୍ରନ୍ଥାଗାରିକ ରହିବା ଜରୁରୀ, କିନ୍ତୁ ଦେଶର ଅନେକ ସ୍ଥାନରେ ଏହାର ଅନୁପାଳନ କରାଯାଉନାହିଁ। ଗ୍ରନ୍ଥାଗାରିକ ବିନା ପାଠାଗାର ଆନ୍ଦୋଳନ ସଫଳ ହୋଇପାରିବ ନାହିଁ। ନୂଆ ସରକାର ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା। ୨୦୧୮ରେ ପ୍ରତ୍ୟେକ ଜିଲ୍ଲାରେ ସର୍ବସାଧାରଣ ପାଠାଗାର ପାଇଁ ସ୍ୱତନ୍ତ୍ର ବଜେଟ୍ ମଞ୍ଜୁର ହୋଇଥିଲେ ମଧ ଏହାର ସୁଫଳ ନ ମିଳିବା ପଛରେ କେଉଁଠି ତ୍ରୁଟି ରହୁଛି ତାହାକୁ ଖୋଜି ବାହାର କରିବାକୁ ପଡ଼ିବ। ସ୍ୱାଧୀନତା ପରଠାରୁ ସରକାରମାନେ ଇତିମଧ୍ୟରେ ବିଭିନ୍ନ ବର୍ଗ, ଧର୍ମ ଓ ସମ୍ପ୍ରଦାୟର କଲ୍ୟାଣକୁ ଦୃଷ୍ଟିରେ ରଖି ଭାଗବତ ଟୁଙ୍ଗି, ଉର୍ଦ୍ଦୁ କେନ୍ଦ୍ର, ଆଦିବାସୀ ବିକାଶ କେନ୍ଦ୍ର, ମିଶନ ଶକ୍ତି, ବରିଷ୍ଠ ନାଗରିକ କେନ୍ଦ୍ର, ଶିଶୁ ବିକାଶ କେନ୍ଦ୍ର, କୋଚିଂ ସେଣ୍ଟର ଇତ୍ୟାଦି ଗଠନ ଦିଗରେ ଉଲ୍ଲେଖନୀୟ ଓ ଯୁଗୋପଯୋଗୀ ପଦକ୍ଷେପମାନ ନେଇଛନ୍ତି। କିନ୍ତୁ ଏକମାତ୍ର ସାର୍ବଜନୀନ ପାଠାଗାର ଉପରୋକ୍ତ ସମସ୍ତ ବର୍ଗକୁ ଏକାଠି କରି ଏକକାଳୀନ ଓ ସାର୍ବଜନୀନ ବୃହତ୍ତର ସ୍ୱାର୍ଥବିଜଡ଼ିତ ସେବା ପ୍ରଦାନ କରିପାରିବ। ଆଦର୍ଶ ପାଠାଗାର ସୃଷ୍ଟି କରିବା, ଜିଲ୍ଲା ପାଠାଗାରଗୁଡ଼ିକୁ ଡିଜିଟାଲ୍ ନେଟୱାର୍କ ସହିତ ସଂଯୋଗ କରିବା ଏବଂ ଅର୍ଥନୈତିକ ଅନଗ୍ରସର ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ 'ରାଷ୍ଟ୍ରୀୟ ପୁସ୍ତକାଳୟ ମିଶନ'କୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ୨୦୧୪ ମସିହାରେ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ବଜେଟ୍ ୨୦୨୩-୨୪ ରେ ଶିଶୁ ଏବଂ କିଶୋରମାନଙ୍କ ପାଇଁ ପ୍ରସ୍ତାବିତ ଜାତୀୟ ଡିଜିଟାଲ୍ ପାଠାଗାର ହେଉଛି ଏକ ସମ୍ପ୍ରଦାୟ ପାଠାଗାର ସେବାର ଉଲ୍ଲେଖନୀୟ ଉଦାହରଣ। ନ୍ୟାସନାଲ୍ ଡିଜିଟାଲ୍ ପାଠାଗାର ଦ୍ୱାରା ଶିକ୍ଷା ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଭାଷଣରେ ଉଲ୍ଲେଖ କରିଛନ୍ତି ଯେ ପଞ୍ଚାୟତ ଓ ୱାର୍ଡସ୍ତରରେ ଭୌତିକ ପାଠାଗାର ସ୍ଥାପନ ତଥା ଜାତୀୟ ଡିଜିଟାଲ ପାଠାଗାର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟମାନଙ୍କୁ ଉତ୍ସାହିତ କରାଯିବ। ୨୦୨୩ ଅଗଷ୍ଟ ୦୫ ରୁ ୦୬ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ 'ପାଠାଗାର ମହୋତ୍ସବ' ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ପାଠାଗାରଗୁଡ଼ିକ ସାମାଜିକ ସମ୍ପର୍କ, ଅଧ୍ୟୟନ ଓ ଚିନ୍ତନ କେନ୍ଦ୍ର ହେବା ଉଚିତ। ଏହି ଉତ୍ସବରେ ଭାରତୀୟ ପାଠାଗାରଗୁଡ଼ିକର ଆଧୁନିକୀକରଣ ଓ ଡିଜିଟାଇଜେସନ୍ ବିଷୟରେ ଆଲୋଚନା କରିବା ପାଇଁ ଦେଶବିଦେଶର ପ୍ରସିଦ୍ଧ ପାଠାଗାରଗୁଡ଼ିକ ମଧ ପ୍ରଦର୍ଶିତ କରାଯାଇଥିଲା। ଏବେ ଶିକ୍ଷାବିତ୍, ବୁଦ୍ଧିଜୀବୀ, ନୀତି ନିର୍ମାତା ଓ ନାଗରିକ ସମାଜ ଦ୍ୱାରା ଗୁରୁତ୍ୱର ସହ ଚିନ୍ତା କରିବାର ସମୟ ଆସିଛି। ଆସନ୍ତୁ ସଭିଏଁ ମିଶି ଆଗକୁ ବଢ଼ିବା ଏବଂ ସରକାରଙ୍କୁ ଅନୁରୋଧ କରିବା ଏକ ନିର୍ଦ୍ଦିଷ୍ଟ ବର୍ଷର ଅବଧି(ସର୍ବାଧିକ ୨ ବର୍ଷ) ଭିତରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ପାଇଁ ଏକ ସମୟ ଧାର୍ଯ୍ୟ କରିବାକୁ। ଆମ ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତ ଏବଂ ବ୍ଲକସ୍ତରରେ ମିଶନ୍ ଶକ୍ତି ଗୃହ ଦୁଇ ବର୍ଷ ମଧ୍ୟରେ ନିର୍ମିତ ହୋଇପାରିଛି ଏବଂ ଗରିବ ଲୋକମାନେ ପ୍ରୋତ୍ସାହନ ରାଶି ପାଇବାର ଦୁଇମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିପାରୁଛନ୍ତି।

## ଇଷ୍ଟପ୍ରାଣ ମଣିଷ

### ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର



ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ-ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ। ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ। ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେ ଦିଗକୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯେ, ଯା'ର ଚଳନା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ-ସମ୍ପଦ ତ ବଢ଼ିଯିବା ହିଁ ସ୍ୱାଭାବିକ। ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇ ହୁଏନା। କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷିପ୍ରତା, ଚରିତ୍ର, ନିରଳସ-ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା ସେଥିରେ। ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି। ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ। ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେଲେ ଭବିଷ୍ୟତ ବଂଶଧରଗଣ। ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ। ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ। ଆଜି ଆମ ମାନଙ୍କର ଋତ୍ୱିକମାନଙ୍କୁ ଯେଉଁ ମାନଙ୍କୁ ହୁଏତ ଦେଖୁଛ - କେତେ ଅର୍ଥନୈତିକ କୃଚ୍ଛତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି - ଯେ ଏମାନେ କିଛି ହିଁ ପାଇଲେନି, କିଛିହିଁ ପାଇଲେନି, କିଛିହିଁ କରିଲେନି ? ବ୍ୟକ୍ତିଗତ ଭାବେ ଦୁଇଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ଖଟାଇଲେ ବି, ଏମାନଙ୍କ ମଧ୍ୟରୁ ବେଶୀ ଭାଗ ସମ୍ବନ୍ଧରେ ସେ କଥା ଖାଟେନା। ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଞ୍ଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତିକି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ। ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ଡେରି ଲାଗିବନି - ଏମାନେ ତା' ଚାହାନ୍ତୁ ବା ଚାହାନ୍ତୁ। ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ। ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା। ପୁଣି ଚୋରା କାରବାର କରି ବା ଫାଙ୍କିବାଜିର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା। ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା। (ଆଲୋଚନା - ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧)

ଗୁରୁଙ୍କଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର। ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ। ଗୀତାରେ କୁହାଯାଇଛି - 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ ସଂଯତେନ୍ଦ୍ରିୟଃ। ଜ୍ଞାନଂ ଲବ୍ଧା ପରାଂ ଶାନ୍ତିମଚିରେଣାଧିଗଚ୍ଛତି।' ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ। ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଗ୍ରାହକଙ୍କ ପକେଟକୁ ଆଳୁ ମାଡ଼

### କାଳୀ ଦାସ



ଓଡ଼ିଆ ଘରେ ଆଳୁର ବ୍ୟବହାରକୁ ବାଦ ଦିଆଯାଇ ନ ପାରେ। ଆଳୁ ନଥିଲେ ଗୃହିଣୀଙ୍କୁ ଚିନ୍ତା ହୁଏ କଣ ରାନ୍ଧିବେ। କିନ୍ତୁ ଆଳୁର ଦର ଯେତେବେଳେ ଆକାଶ ଛୁଏଁ ସେତେବେଳେ ସାଧାରଣ ଘରେ ଆଳୁ ଉପରେ କଟକଣା ଲାଗେ। ଆଜି ଆଳୁର ଦର ବୃଦ୍ଧି ସହିତ ଆଳୁ ମିଳିବା ସମ୍ଭବ ହେଉନି। ଛୋଟ ଛୋଟ ଦୋକାନୀ ମାନେ ଆଳୁ ଆଣିବାକୁ ଚାହୁଁନାହାନ୍ତି। ଓଡ଼ିଆ ଥାଳିରୁ ଆଳୁ ଉଭେଇ ଯାଇଛି। ଆଳୁର ଅଭାବ ସହିତ ଅନ୍ୟ ପରିବାର ଦର ବୃଦ୍ଧି ମଧ ଆଉ ଏକ ଚିନ୍ତାର କାରଣ ହୋଇଯାଇଛି । ଶ୍ରାବଣ ମାସ ଗୋଟିଏ ଧର୍ମ ମାସ ହୋଇଥିବାରୁ ଅନେକ ଲୋକ ସାକାହାରୀ ଖାଦ୍ୟ ଖାଇବା ପାଇଁ ଚାହାନ୍ତି। ଏହି ସମୟରେ ଆଳୁର ଆକାଶ ଛୁଆଁ ଦର ନିଶ୍ଚିତ ଭାବରେ ଗ୍ରାହକଙ୍କୁ ବିବ୍ରତ କରୁଛି।

ଓଡ଼ିଶାରେ ଦିନକୁ ଦିନ ଆଳୁର ଦର ବୃଦ୍ଧି ଦେଖିବାକୁ ମିଳୁଛି। ଆଳୁକୁ ଧରି ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ସରକାରଙ୍କୁ ଘେରିଛନ୍ତି। ଆଳୁର ଦର କେଉଁଠି କେଜି ପିଛା ୪୦ ତ କେଉଁଠି ୫୦ ଟଙ୍କାରେ ବିକ୍ରି ହେଉଛି। ନିକଟରେ ସରକାରଙ୍କ ତରଫରୁ କୁହାଯାଇଛି କି ଯଦି କେଜି ପିଛା ଆଳୁ ୪୦ ଟଙ୍କା ଉପରେ ବିକାଯାଏ ତାହେଲେ ଆଳୁ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁରେ କେଜି ପିଛା ଆଳୁ ୩୦ ଟଙ୍କା ମୂଲ୍ୟରେ ଖାଉଟିଙ୍କୁ ଦିଆଯାଇଛି। ବର୍ତ୍ତମାନ ଓଡିଶାରେ ଗ୍ରାହକଙ୍କ ମୂଳ ଚର୍ଚ୍ଚାର ବିଷୟ ହେଉଛି ଆଳୁ । ବିଭିନ୍ନ ରାଜନୈତିକ ଦଳ ଆଳୁକୁ ଧରି ସରକାରଙ୍କୁ ଘେରିଲେ ଏବଂ ବିରୋଧୀ ଦଳଙ୍କ କହିବା ମୁତାବକ ଯଦି ଆଳୁ ଦର କମିବନି ତାହେଲେ ଆନ୍ଦୋଳନ ତୀବ୍ର ହେବ। ଓଡିଶାର ବିଜେପି ସରକାରଙ୍କ ଦ୍ୱାରା କୁହାଯାଇଛି ଯେ ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଆଳୁ ଓଡିଶାକୁ ନ ଛଡାଯିବାରୁ ଆମ ରାଜ୍ୟରେ ଆଳୁର ଅଭାବ ଦେଖିବାକୁ ମିଳୁଛି। ବର୍ତ୍ତମାନ ଓଡିଶାର ସମସ୍ତ ରାଜନୈତିକ ଦଳ ସରକାରଙ୍କ ଉପରେ ଆଳୁର ଦରକୁ ନିୟନ୍ତ୍ରଣ କରିବା ପାଇଁ ଦାବି କରିଛନ୍ତି । ବର୍ତ୍ତମାନ ଖବର ଆସିଛି କି ଓଡ଼ିଶାରେ କିଛି ସ୍ଥାନ ରେ ୧୦୦ ଟଙ୍କା ରେ ଗ୍ରାହକଙ୍କୁ ୩ କେଜି ଆଳୁ ମିଳିବ।

ଘରେ ଘରେ ଆଳୁ ଯେମିତି ମୂଲ୍ୟବାନ ପରିବା ହୋଇଯାଇଛି । ଏହାର ଦର ବୃଦ୍ଧି ଖାଉଟିଙ୍କ ମନ ଭିତରେ ଛନକା ସୃଷ୍ଟି କରିଛି। ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଓଡ଼ିଶା ସରକାର କେବେ ଆଳୁର ଦରକୁ ନିୟନ୍ତ୍ରଣ କରିବେ ଏବଂ ଗ୍ରାହକଙ୍କୁ କେବେ ସୁଲଭ ଦର ରେ ଆଳୁ ମିଳିବ। ଆଳୁ ଦର ଆଗକୁ ଆହୁରି ବଢି ପାରେ ଆଶଙ୍କାରେ ଗ୍ରାହକ ମାନେ ନିକଟରେ ଥିବା ରାସନ ଦୋକାନରୁ ଆଳୁ କିଣି ଘରେ ରଖୁଛନ୍ତି ସେଥିପାଇଁ ଆଳୁର ପରିମାଣ ବଜାରରେ କମିଯାଉଛି। ବର୍ତ୍ତମାନ ପ୍ରଶ୍ନ ଉଠିଛି ଗତ କିଛି ବର୍ଷ ତଳେ ଆଳୁ କେଜି ପିଛା ୧୦ ଟଙ୍କାରେ ବିକ୍ରି ହେଉଥିଲା ବେଳେ ଏବେ ୪୦ ଟଙ୍କା ଦରରେ ବିକ୍ରି କରାଯାଉଛି। ନିକଟରେ ପଶ୍ଚିମ ବଙ୍ଗ ରେ କେଜି କେଜି ଆଳୁ ରାସ୍ତାରେ ଫିଙ୍ଗିବା ଦେଖିବାକୁ ମିଳିଥିଲା। ଆଳୁର ଦର କମାଇବା ପାଇଁ ଓଡ଼ିଶାର ସାଧାରଣ ଜନତାଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ତାହେଲେ ଆଳୁର ଦର ନିଶ୍ଚୟ କମିବ ଏବଂ ଲୋକ ମାନଙ୍କୁ ଶସ୍ତାରେ ଆଳୁ ମିଳିବ। ତିନି ମାସ ଭିତରେ ଆଳୁର ଦାମ ଦୁଇ ଗୁଣ ହୋଇଯିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଓଡ଼ିଶା ସରକାରଙ୍କ ଫୁଡ୍ ସପ୍ଲାଇ ଖାଉଟି ଉନ୍ନୟନ ମନ୍ତ୍ରୀ ଶ୍ରୀ କେସି ପାତ୍ର କହିଛନ୍ତି ଯେ ଓଡ଼ିଶା ରେ ହୋଇଥିବା ଆଳୁର ସମସ୍ୟାର ସମାଧାନ ପାଇଁ ଓଡ଼ିଶା ସରକାର ନାଫେଡ ଜରିଆରେ ଉତ୍ତର ପ୍ରଦେଶରୁ ଆଳୁ କିଣିବ ଓ କେଜି ପିଛା ୩୦ ଟଙ୍କା ଦରରେ ଖାଉଟିଙ୍କୁ ଯୋଗାଇବା କିନ୍ତୁ ଉତ୍ତର ପ୍ରଦେଶର ଆଳୁର ଚାହିଦା ଓଡିଶାରେ ନାହିଁ। ଓଡିଶା ରେ ବାର୍ଷିକ ୧୩.୫ ଲକ୍ଷ ଟନ ଆଳୁ ଦରକାର ହୋଇଥାଏ କିନ୍ତୁ କେବଳ ୮୦୦୦୦ ଟନ ଆଳୁ ଓଡିଶାରେ ଆଦାୟ ହୁଏ। ପ୍ରତି ବର୍ଷ ଓଡିଶା ପଶ୍ଚିମ ବଙ୍ଗରୁ ଆଳୁ କିଣିଥାଏ । ଅନ୍ୟ ବର୍ଷ ଗୁଡ଼ିକରେ ଓଡ଼ିଶାରେ ବିଜେଡି ସରକାର ଥିଲା ବେଳେ ବର୍ତ୍ତମାନ ଓଡ଼ିଶାରେ ବିଜେପି ସରକାର ଅଛି। ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କର ଭଲ ସମ୍ପର୍କ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସହିତ ରହିଛି। କେନ୍ଦ୍ରରେ ଥିବା ବିଜେପି ସରକାରଙ୍କ ସହିତ ପଶ୍ଚିମ ବଙ୍ଗର ଟିଏମସି ସରକାରଙ୍କ ଯେହେତୁ ଭଲ ସମ୍ପର୍କ ନାହିଁ ତେଣୁ ଏବେ ପଶ୍ଚିମ ବଙ୍ଗ ଓଡ଼ିଶାକୁ ଆଳୁ ପଠାଉନାହିଁ। ପଶ୍ଚିମ ବଙ୍ଗକୁ ଯାଉଥିବା ମାଲବୁହା ଟ୍ରକମାନଙ୍କୁ ଓଡ଼ିଶା ସରକାର ପଶ୍ଚିମ ବଙ୍ଗକୁ ଛାଡୁ ନାହିଁ। ଏମିତି ପରିସ୍ଥିତିରେ କେବଳ ଖାଉଟି ହଇରାଣ ହେବା ନିଶ୍ଚୟ। ପ୍ରାୟ ଏହି ସମୟ ରେ ଓଡିଶାରେ ପରିବାର ଦର ବୃଦ୍ଧି ଲକ୍ଷ କରାଯାଇଥାଏ। ଓଡିଶା ସରକାର ଏଥିପାଇଁ ପୂର୍ବ ପ୍ରସ୍ତୁତି କରିବା କଥା। ଓଡିଶାରେ କିପରି ପରିବା ଓ ଆଳୁ ପିଆଜ ଆଦାୟ କରାଯିବ ଓ ପରିବା ଓ ଆଳୁ କିପରି ନଷ୍ଟ ନ ହେବ ସେଥିପାଇଁ ସରକାର, ପ୍ରଶାସନ ଓ ଜନତା ଜାଗ୍ରତ ହେବା ଜରୁରୀ।

ବ୍ରହ୍ମପୁର, ଖୋଡାସିଂଗ
କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

## ଇନ୍ଦ୍ର ବଦଳନ୍ତି ଶଚି ବଦଳନ୍ତି ନାହିଁ

### ଅଜୟ କୁମାର ବେହେରା



ସ୍ୱର୍ଗର ସିଂହାସନ ଇନ୍ଦ୍ରଙ୍କର ଆସନ ବସି ପ୍ରଶାସନ ଚଳାଇବା ଜାଗା ପୁଣ୍ୟ ବଳରେ ଇନ୍ଦ୍ର ହେବା କୁହାଯାଏ। ଇନ୍ଦ୍ର ଭୋଗ ସ୍ୱର୍ଗ ରାଜ୍ୟ ଓ ସ୍ୱର୍ଗର ସୁନ୍ଦରୀ ନର୍ତ୍ତକୀ ରଙ୍ଗସଭା ଇନ୍ଦ୍ରଙ୍କ ଭୋଗ୍ୟା। ନାରୀ ଶ୍ରେଷ୍ଠା ସ୍ୱର୍ଗର ରାଣୀ ସେ ନ ବଦଳି କେବଳ ଇନ୍ଦ୍ର ବଦଳନ୍ତି, ଇନ୍ଦ୍ର ମଘବା ମେଘ ତାଙ୍କର ହାତରେ ଆୟୁଧ ବଜ୍ର ତାଙ୍କ ହାତରେ ଯାହା ମହାଭୟର ଆୟୁଧରେ ଆସିଲେ ବି ମେଘମାଳା ସୃଷ୍ଟି ରକ୍ଷାର ଏକ ବିଶେଷ ଉତ୍ସ।

ସ୍ୱର୍ଗରାଜ୍ୟ ପରିଚାଳନା ହେଉଛି ଇନ୍ଦ୍ରଙ୍କର ପାରିଷଦ ଗଣ ଓ ସମସ୍ତ ପ୍ରଜାଗଣ ଦ୍ୱାରା ସ୍ୱର୍ଗ ପାରିଷଦ ଓ ପ୍ରଜାଗଣ ଇନ୍ଦ୍ରାଣି ସୁଧର୍ମା କେବେ ବଦଳିନଥାଏ। ଏପରି ପରିମ୍ପରା ସ୍ୱର୍ଗରେ ସର୍ବଦା ରହିଛି। ଯେ ଇନ୍ଦ୍ର ହୋଇଥାନ୍ତୁ ସେହି ଏକ ଆୟୁଧ ଏକ ରାଜ୍ୟ ନାମ ଓ ବଂଶାନୁକ୍ରମିକ ପ୍ରଜା ସହିତ ସୁଧର୍ମାସଭା ସ୍ୱର୍ଗର ଶ୍ରୀ ସୁନ୍ଦରୀ ପାରିଷଦ ସେପରି ଏକ ରହେ। ଯାନ ସ୍ଥାନ ଅକ୍ଷୁର୍ଣ୍ଣକୁ ସମସ୍ତ ବୟସ ବଢ଼େଇ ଛିଡ଼େନାହିଁ। ସର୍ବଦା ଏ ଋତୁ ବସନ୍ତ ପରି ଭୋଗ ରହେ। ମର୍ତ୍ତ୍ୟର ପ୍ରଜା କେବେ ବା ବଦଳନ୍ତି ନାହିଁ। ଭୂମି ପଡ଼ି ରହିଛି, ହେଲେ ସମୟକୁ ପ୍ରଜା ଓ ଭୂମି ବଢ଼ିଥାଏ ବା କମିଥାଏ। ପ୍ରଜା ବିଭିନ୍ନ ଉପାସକ ଆକାରରେ ରହିଥାନ୍ତି। ସମୟ ଦୁଇ ଅୟନ ଛଅ ଋତୁ ବାରମାସ ପ୍ରତି ମାସରେ ଦୁଇ ପକ୍ଷ ସପ୍ତବାର ଭୋଗ ଚାଲିଥାଏ। ସେ ପ୍ରଶାସନ ଶ୍ରେଷ୍ଠ ହୁଅନ୍ତି ତାଙ୍କର ରହିବା ବସିବା ଗମନାଗମନ ସମ୍ବନ୍ଧ ସମୟାନ୍ତରକୁ ଭିନ୍ନ ଭିନ୍ନ ବଦଳିଲେ ବି ରାଜକାର୍ଯ୍ୟାଳୟ ପୂର୍ବପର ଅକ୍ଷୁର୍ଣ୍ଣ ରହିଥାଏ। ଅସୁବିଧା ଦୃଷ୍ଟେ ବଦଳିପାରେ ମାତ୍ର ପୂର୍ବପରି କାର୍ଯ୍ୟାଳୟ କର୍ମଚାରୀ ଜାହିର ରୁହେ। ସ୍ୱର୍ଗର ରାଜା ମର୍ତ୍ତ୍ୟର ପୁଣ୍ୟାତ୍ମା ରାଜାଙ୍କ ମଧ୍ୟରୁ ବା ଶ୍ରେଷ୍ଠ ତପସ୍ୱୀ ମଧ୍ୟରୁ ପୁଣ୍ୟାତ୍ମା ବ୍ୟକ୍ତିଙ୍କୁ ଗ୍ରହଣ କରାଯାଏ, ମର୍ତ୍ତ୍ୟରୁ ଏପରି ପ୍ରଶାସକ ଶାସକ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ ବା ଭୋଟରେ ବହୁଜନମତରେ ବଛାଯାଉଛି। ସେ ଶାସକ ମର୍ତ୍ତ୍ୟରେ ହୁଅନ୍ତୁ ସେ ଦେଶର ସମ୍ବିଧାନରେ ପ୍ରଶାସନ ବା ଶାସନ ଚଳାଇବାକୁ ବାଧ୍। ଯଦି ଦରକାର ହୁଏ ଆବଶ୍ୟକ ବହୁ କ୍ଷେତ୍ରରେ ଦରକାର ପଡ଼ିଲେ ସମ୍ବିଧାନ ବଦଳା ଯାଇଥାଏ ହେଲେ ତାହାବି ପୂର୍ବପରି ସ୍ଥାୟୀ ଭାବରେ ଚାଲେ।

ସ୍ୱର୍ଗର ରାଜା ଇନ୍ଦ୍ର ତାଙ୍କର ପାରିଷଦ ରାଜମିତ୍ରତାଙ୍କୁ ନେଇ ଶାସନ କରୁଛନ୍ତି। ସେ ମର୍ତ୍ତ୍ୟକୁ ସ୍ୱଦେହରେ ଆସନ୍ତି ନାହିଁ। ଏସବୁରେ ଦେବମାୟା ଜଡ଼ିତ। ମନୁଷ୍ୟ ରହିବା ଭୂମିରେ ଈର୍ଷା, କ୍ରୋଧ, ପରଶ୍ରୀକାତରତା, ପରି ଅନେକ ଧାରା ରହିଛି। ଚୋରୀ ଠକେଇ ସର୍ବତ୍ର ରହିଛି ଦେବତାଙ୍କର ସାମ୍ୟବାଦ ମର୍ତ୍ତ୍ୟରେ କମା କରିବା କଠିନ। ବାଲ୍ୟ ଯୌବନ ପ୍ରୌଢ଼ ବାର୍ଦ୍ଧକ୍ୟ ଜରାମୃତ୍ୟୁ ପରି ବିଭିନ୍ନ ଅବସ୍ଥାରେ ମାନବ ଶରୀର ସ୍ୱର୍ଗରେ ସମାନ ବୟସରେ ଦେବତା ରହିଛନ୍ତି। ଦେବତାଙ୍କର ସଂଖ୍ୟା ବଢୁନାହିଁ ତାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। କିଛି ଦେବତାଙ୍କର ପରିବାର ସହିତ ସମ୍ବନ୍ଧ ମର୍ତ୍ତ୍ୟରେ ପୂଜା କିଛି ଦେବତା ନିଜର ପୁଅଙ୍କୁ ଅତି ପ୍ରାଧାନ୍ୟ କରି ଦେଇଛନ୍ତି। କେହି ସ୍ତ୍ରୀଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ପୁଣି ଏକ ଏକ କାମନା ମର୍ତ୍ତ୍ୟବାସୀ ପୂରଣ ପାଇଁ କିଛି ନିର୍ଦ୍ଦିଷ୍ଟ ଦେବତାଙ୍କ ଦାୟିତ୍ୱ ଦିଆଯାଇଛି। ମର୍ତ୍ତ୍ୟରେ ପ୍ରଜାଙ୍କର କରରେ ରାଜା ପ୍ରଶାସନିକ ମାନ ଚଳିଲେ ବି ଏକ ପ୍ରଶାସନ ଅନ୍ତରେ ଅନ୍ୟ ଜଣେ ସେ ସ୍ଥାନକୁ ଆସିଲେ ପୂର୍ବ ଯୋଜନାକୁ ରୋକ ଲଗାଇ ପୂର୍ବ କାମକୁ ଅଧୁରା ରଖି ଦିଆଯାଉଛି। ଟଙ୍କା ସୁନା ଦ୍ରବ୍ୟ ଶ୍ରମ କେତେ ନଷ୍ଟ ହେଉଛି ପୂର୍ବଧନ ବରବାଦ ହେଉଛି ତାକୁ ଅଣଦେଖା ଅନେକ ସମୟରେ କରାଯାଉଛି। ଦେବତା ମନୁଷ୍ୟ ମଧ୍ୟରେ ଏପରି ଫରକ ଅଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ : ୯୪୩୭୦୩୧୨୫୩




### ଅସ୍ତରାଗ...

**ରାମଚନ୍ଦ୍ର ବେହେରା**

ତପ୍ତ ନିଦାଘର ଭିଜା ଗୁଳୁଗୁଳି
ପରାଣୁ ଶକତି ନିଏ
କ୍ଳାନ୍ତ ଅପରାହ୍ନେ ସୁଲୁ ସୁଲୁ ବାଆ
ଯାତନା ଲୁଚେଇ ଦିଏ
ସୁଖ ଯାଏ ନଇଁ ନଇଁ
ନାଲି କୃଷ୍ଣଚୂଡା ବିବର୍ଣ୍ଣ ଲାଗଇ
ଦୁଃଖ ଆସେ ଧାଇଁ ଧାଇଁ।
ଶୁଖିଲା ପତ୍ରରେ ତରୁ ଲୁହ ଢାଳେ
ଶୀତଳ ସଲିଳ ପାଇଁ
ଇସାରା ନକରି ଖୋଜଇ ସେ ନୀର
ଜୀଇଁବାର ଆଶା ନେଇ
ମନ ମୋ ଖୋଜଇ ମନ
ସମୟକୁ ମାଗେ ସ୍ୱୀକୃତି ସ୍ୱାକ୍ଷର
ଦେବାପାଇଁ ପ୍ରତିଦାନ।
ଆଶା ଅଭିଳାଷା ନିରୁତ୍ତର ଆଜି
ହୃଦୟରେ ଅବସୋସ
ସୁଖ ଦୁଃଖ ଭରା ଜୀବନ ଯାତ୍ରାରେ
ଅମୃତ ଲାଗଇ ବିଷ
ଜଳୁଛି ପରାଣେ ନିଆଁ
ବୁକୁ ତଳେ ଚାପି ଦାରୁଣ ଯାତନା
ମନ ଖୋଜିବୁଲେ ନୂଆ।
ହୃଦୟ କନ୍ଦରେ ଖେଳଇ ନିରାଶା
ଚଉଦିଗେ ମରୀଚିକା
ଉଦୟର ରାଗ କାହିଁ ଲୁଚିଗଲା
ବାରମ୍ବାର ଦେଇ ଧୋକା
ସତେକି ଅଲିଭା ଦାଗ
ନିଜକୁ ନଜେ ମୁଁ କରୁଅଛି ପ୍ରଶ୍ନ
ଏହିକି ମୋ ଅସ୍ତରାଗ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬ ?

### ହେ ବର୍ଷା

**ଦୀପ୍ତି ମିଶ୍ର**

ହେ ବର୍ଷା !!!
ତୁମେ କେବେ ସ୍ମୃତି କେବେ ସ୍ୱପ୍ନ
କେବେ ପ୍ରିୟା କେବେ ପ୍ରେମ ,
କେବେ ତୁମେ ଅନୁରାଗିଣୀ
କେବେ ସ୍ୱାଭିମାନୀ ......
କେବେ ଧ୍ୱଂସ କାରିଣୀ
କେବେ ପୁଣି ସୃଷ୍ଟି କାରିଣୀ
ମହା ଶକ୍ତି ତୁମେ ।

ହେ ବର୍ଷା !!!
କେବେ ଆସ ଚୁପି ଚୁପି
କେବେ ପୁଣି ଝିପି ଝିପି
କେବେ ଟପ୍ ଟପ୍
ଜାମୁକୋଳି ଟୋପା ପରି
ଲେସି ହୋଇଯାଅ ଦେହରେ
ଲାଜକୁଳୀ ଲତାଟିଏ ପରି.....

ଭିଜାଇ ଦେଇ ଦେହ ଆଉ ମନ
ଜୀବନ୍ତ କରିଦିଅ ଅତୀତକୁ,
ସ୍ମୃତିର ସେହି ଚିତ୍ରପଟ
ଭରା ଚିକ୍ ମିକ୍ ଆଲବମ୍
ଭରି ଯାଏ ତୁମରି ପ୍ରେମର
ମାଧୁରିମା ଆଉ ରଙ୍ଗୀନ୍ ସ୍ୱପ୍ନରେ ।

ହେ ବର୍ଷା !!!
ତୁମେ ଆସିଲେ
ମୋ ଆଖି ଦୁହେଁ
ସଜଳ ହୋଇ ଉଠନ୍ତି
କାରଣ ତୁମରି ଉପସ୍ଥିତିରେ ମୁଁ
ଖୁବ୍ ଭଲ କାନ୍ଦିପାରେ,
ତୁମେ ଆସିଲେ ନା ....
ଭିତରେ ଚାପି ହୋଇଥିବା କୋହ
ଉତୁରି ଆସେ ବେଗରେ ,
ଆଉ ସବୁଠୁ ବଡ କଥା ହେଲା
ଜମା ଜଣା ପଡେନା
ତାହା ମୋ ଆଖିର
ନା ତୁମ ଆକାଶର ।

+ବାରିପଦା
ମୋ: ୯୪୩୮୪୦୪୩୦୮

### ଭୋଦୁଅ

**ସିଦ୍ଧେଶ୍ୱର ତ୍ରିପାଠୀ**

ବରଷା ସରିଲା ଶରତ ଆସିଲା
ଭୋଦୁଅ ନିର୍ମଳ ଜହ୍ନ
ଚାଇଁ ଚାଇଁ ଖରା କ୍ଷେତର ପସରା
ଚାଷୀର ଆନନ୍ଦ ମନ ।
ଗଡ଼ିଆରେ କଇଁ ଫୁଟିଲାଣି ହସି
ଜହ୍ନକୁ ଅନେଇଁ ଧିରେ
ଭାଲୁକୁଣୀ ପୂଜା ଗୀତ ସୁଭିଲାଣି
ଦେଖ କୁଆଁରୀ ମେଳରେ ।
ଷଠି ଓଷା ପୂଜା ଘରେ ଘରେ ଖୋଜା
ବୁଧରେ ବୁଧିବାମନ
ଏଇ ଭୋଦୁଅରେ ଧରାକୁ ଆସନ୍ତି
ବୁଦ୍ଧିଦାତା ଗଜାନନ ।
ଭୋଦୁଅ ସରିଲେ ଅଶୀଣ ଆସିବ
ଆସିବେ ମାଆ ଦଶଭୂଜା
ଘଣ୍ଟ ମରଦଳ କାହାଳୀ ବାଜିବ
ଚାଲିବ ମାଆଙ୍କ ପୂଜା ।

+ କୁଣ୍ଡିଲୋ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

### ପ୍ରେମ

**ସୁନନ୍ଦା ମହାନ୍ତି**

ପ୍ରେମ ପ୍ରକୃତିକୁ କରେ ରୁଦ୍ଧିମନ୍ତ
ପୁରୁଷକୁ ଶକ୍ତିମନ୍ତ
ଦିନକୁ ରୋଷଣୀ ରାତିକୁ ଉଜାଣି
ସନ୍ୟାସୀକୁ ସିଦ୍ଧିପ୍ରାପ୍ତ
ସୂର୍ଯ୍ୟଙ୍କୁ ଆଲୋକ ଚନ୍ଦ୍ରଙ୍କୁ ଜୋଛନା
ଅନ୍ଧାରୀମୂଲକେ ଜ୍ଞାନବନ୍ତ
ନଦୀ କଳକଳ ଛଳଛଳ ସମୁଦ୍ର ଅଥଳ
ଢେଉ ହୁଏ ତରଙ୍ଗାୟିତ
ଆକାଶରେ ଇନ୍ଦ୍ରଧନୁ
ଧରିତ୍ରିରେ ସବୁଜିମା
ପାହାଡ଼ ଉହାଡ଼େ ପରିପକତ୍ୱ
ଗଛରେ ଫଳ ନଇରେ
ଜଳ ଋତୁରେ ଖେଳ
ପଢି ଗୀତା ଭାଗବତ ଶାଶ୍ୱତ
ଆକାଶ ପାତାଳ ଡ଼ାଳ ମୂଳ ଫଳ
ନଇନାଳ ଆଜିବି କହେ ଅତୀତ
ପ୍ରେମ ପାଗଳିନୀ ରାଧାରାଣୀ
ଯମୁନାରେ କେଳି କଦମ୍ବ
ମୂଳେ ତୃଷିତ
ମାଣିକ ଗଉଡୁଣୀ ଦହି ଦେଇ
ଜଗନ୍ନାଥ ଇତିହାସ ରଚେ ସେତ
ଭକ୍ତ ସୁଦାମା ଛାତ୍ର ଉପମନ୍ୟୁ
ଆରୁଣୀ ସପ୍ରେମ ଗୁରୁ ଭକ୍ତ
ପ୍ରେମ ଭାବ ଥିଲେ
ସଂସାର ତରୀରେ
ନଥାଏ ରକ୍ତପାତ
ବସୁଧୈବ କୁଟୁମ୍ବକମ
ସର୍ବେ ହୋଇ ମେଳି
ଗାଇବା ପ୍ରେମ ସଂଗୀତ
ଗୁରୁ ପିତାମାତା କର୍ଣ୍ଣ ମନ୍ତ୍ରଦାତା
ଶିକ୍ଷାଗୁରୁ ପ୍ରଣାମ ପଦେ ସାରସ୍ୱତ
ପଶୁକୁଳ ପକ୍ଷୀକୁଳ
ସଜୀବ ଅବା ନିର୍ଜୀବ
ପ୍ରେମ ପାଇଁ ଆଦୃତ ନିତ୍ୟ
ଶାନ୍ତି ପ୍ରୀତି ମୈତ୍ରୀ ବାର୍ତ୍ତା ଦେଇ
ଜାତୀୟ ପତାକା ତଳେ
ହେବା ଉପବିତ।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# କବିତାମାଳା

## ବିବର୍ଣ୍ଣ ଏ ରମ୍ୟ ଅସ୍ତରାଗ

### ଅଧ୍ୟାପକ ଶରତ କୁମାର ଦାସ



ଆକାଶର ମୁକୁଳା ଛାତିରୁ
ଝରୁଛି ବୁନ୍ଦାବୁନ୍ଦା ରକ୍ତର ଟୋପା
ପବନର ପାପୁଲିରେ ଝଲସୁଚି
ଅହଙ୍କାରର ସେଇ ଆଦିମ ଅକ୍ଷର ।

ଆଜି ବି ଘେରିଛି ଚତୁର୍ଦ୍ଦିଗ
ପ୍ରଳୟର ଘନ ଉଆଁସ ଅନ୍ଧାର
ନନ୍ଦନବନରେ ହୁତୁହୁତୁ ଅଗ୍ନିର ତାଣ୍ଡବ।

ବିବର୍ଣ୍ଣ ଦିଶୁଛି ଏ ରମ୍ୟ ଅସ୍ତରାଗ
ବିଦୀର୍ଣ୍ଣ ଯେତେ ସବୁ ପ୍ରେମ ଅନୁରାଗ
ଅନ୍ତହୀନ ପୁଣି ଅନ୍ତରର କରୁଣ ବିଳାପ ।

କିଏ ତମ ଆପଣାର-
ପ୍ରତିଶୋଧର ଦାବାନଳ
ନା ପ୍ରତିହିଂସାର ଆତ୍ମଘାତୀ ସ୍ୱର
ମୁଠାଏ ଆତ୍ମୀୟତା ନା ଚିମୁଟାଏ
ଆତ୍ମଶୁଦ୍ଧିର
ନିଷ୍କପଟ ସରଳତା ?

ବଣରେ ଘୂରୁଛି ବ୍ୟାଧ ଜିଭ ଲହଲହକରି
ଫାଶ ବସେଇଛି ଗୋପନରେ ସେ
ଗର୍ଜନ ଶୁଭୁଛି ଜହ୍ଲାଦର ନିଶାର୍ଦ୍ଧରେ
ପଶୁପକ୍ଷୀ ଯେତେ ଇତସ୍ତତଃ, ଭ୍ରମିତ ।

ଏ କ'ଣ ସଂଚରିତ ଲୁହଲହୁର ସନ୍ଧିକ୍ଷଣ
ନା ପରିବର୍ତ୍ତନର କେଉଁ ଏକ
କୁତ୍ସିତ ପ୍ରତିରୂପ !

କେତେକାଳ ଚାଲୁଥିବ
ଏ ଉଗ୍ର ଧ୍ୱଂସଶିଖାର ଭୟଙ୍କର ଖେଳ
ଛାଗ ପିଠିରେ ସବାର ହେଉଥିବ ବାଘ !

କେତେ ଆଉ ବାନ୍ଧୁଥିବ ଆକାଶକୁ ନିଶୁଣି
ସନ୍ଧିକରି ହାଡ-ମାଂସ-ରକ୍ତ ଓ ମଗଜ ସହିତ;
କେତେବାଟ ଧାଉଁଥିବ ଲୁଚିଲୁଚି
ଅନ୍ଧାରର ମୃତ୍ୟୁ ଅର୍ଗଳିରେ ?

ହେଇ ଦେଖ...ଦେଖ...... !
ଖଣ୍ଡାଧାରରେ ଝୁଲୁଛି ଜୀବନ;
ବିଡମ୍ବିତ କିପରି ଏ ମାଟିର ଭାଗ୍ୟ ଭବିଷ୍ୟତ
ଟକ୍ ଟକ୍ ଫୁଟୁଥିବା ତତଲା ରକ୍ତର ସ୍ପର୍ଶରେ
ଭୂଲୁଣ୍ଠିତ କିପରି ଜହ୍ନର ନଅର ।

ପାରୁଛ ଯଦି ବନ୍ଧକର ନୀରିହର କ୍ରୁର
ସଂହାର
ବନ୍ଧକର ଗୁଳିଗୋଳା ବାରୁଦର ଗନ୍ଧ;
ସାଉଁଟିଆଣ ନର୍କରୁ ନିର୍ମାଲ୍ୟ
ଫିଙ୍ଗିଦିଅ ସମୁଦ୍ରର ନାଭିକେନ୍ଦ୍ରକୁ
ଯେତେ ହିଂସା-କପଟତା,ସ୍ୱାର୍ଥନ୍ୱେଷୀ
ମୂଳଚାଳ
ଫୁଙ୍କିଦିଅ ଥରେ ପାଞ୍ଚଜନ୍ୟ ବିଶ୍ୱସନୀୟତାର
।

ଲୋଡାନାହିଁ ସମୃଦ୍ଧିର ଇନ୍ଦ୍ରପ୍ରସ୍ଥ
ବୃଥା ଆସ୍ୱର୍ଦ୍ଧର ମିଥ୍ୟା ଜୟଜୟକାର
ରାଜସିଂହାସନ ପୁଣି ରାଜାର ମୁକୁଟ ।

ଲୋଡାଯାହା ଜିଇଁବାକୁ ଟିକିଏ ନିର୍ମଳ
ନିଃଶ୍ୱାସ
ଛଅହାତ ଭୂଇଁର ବଖରାଏ ଘର
ଶାନ୍ତି ଓ ମୁକ୍ତିର ସ୍ନିଗ୍ଧ ସରଳ ସ୍ୱାକ୍ଷର
ଆଉ ମଲ୍ଲୀଫୁଲିଆ ହସର ମେଞ୍ଚା ମେଞ୍ଚା
ପ୍ରୀତି ଓ ମୁଗ୍ଧ ଇସ୍ତାହାର ।

♥ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ନିସ୍ତରଙ୍ଗତାରେ ଝରେ ଜୀବନ

### ନୀଳାମ୍ବର ପଣ୍ଡା



ଆଜି ବୟସର ଶାୟିତ ସାୟାହ୍ନେ
ନିରସତା ଭାବାନ୍ୱିତେ
ସ୍ମୃତି ପ୍ରଲେପିତ ଅତୀତ ସ୍ଫୁରଇ
ଅବସାଦଗ୍ରସ୍ତ ଚିତ୍ତେ ।

ଅତିକ୍ରମି ଥିବା ଜୀବନଯାତ୍ରାର
ଉଠାଣ ଗଡାଣ ପଥେ
ଅଙ୍ଗୀକୃତ ଯେତେ ଦୁଃଖ ଓ ସୁଖର
ସନ୍ତକ ହୃଦୟ ମନ୍ଥେ।

ଦୁରନ୍ତ ପ୍ରତ୍ୟୟେ ଆତ୍ମ ନିବେଶନ
ଆକାଶେ ଉଡାଣ ନିଶା
ଅପରିପକ୍ୱତ୍ୱ ଧାନଧାରଣାରେ
ଗଡ ଜିତିବାର ଇଚ୍ଛା ।

ଉଙ୍କିମାରେ ସ୍ୱଚ୍ଛେ ବିଗତ ଦିନର
ରମ୍ୟାନୁରଞ୍ଜିତ କୃତି
ତାରଲ୍ୟ ତାରୁଣ୍ୟେ ଉଦ୍ଦୀପ୍ତ ଯୌବନେ
ଊର୍ଜସ୍ୱୀତ ଅନୁଭୂତି ।

ଉଷ୍ମ ଭାବାସକ୍ତ ଦାମ୍ପତ୍ୟ ପ୍ରଣୟେ
ରସୋତ୍ତୀର୍ଣ୍ଣ ମାଦକତା
ଅନ୍ତରଙ୍ଗତାର ନିବିଡ ମୁହୂର୍ତ୍ତେ
ପ୍ରାବୃତ୍ତିକ ଆଦିମତା ।

ପ୍ରେମାନୁରଞ୍ଜିତ ଜୀବନଚର୍ଯ୍ୟାରେ
ନଥିଲା ଦକା'ର ଛାଇ
ସ୍ୱପ୍ନିଳ ଆବେଶେ ମୁଗ୍ଧ ଅବକାଶେ
ଦିନକାଳ ବିତୁଥାଇ ।

କାହିଁ ହଜିଲାଣି ସେଦିନ ରମ୍ୟତା
ଅଫେରା ସମୟ ଧାରେ
ଆଜି ବିବଶତା ପୂରିତ ସମୟ
ନିସ୍ତରଙ୍ଗତାରେ ଝରେ ।

ଜୀବନ ଝୁରୁଛି ଅତୀତ ସ୍ମରଣେ
ଅସ୍ତମନ ଶେଷଲଗ୍ନେ
ବିଷାଦେ ଛାଦିତ ମନ ଗୁମୁରୁଛି
ଅଭୁଲା ସ୍ମୃତି ଗୁଞ୍ଜନେ ।

♥ଘର ନମ୍ବର-କେ ସି ୦୭
କୋକିଳା କଟେଜ, ପଧାନ ସାହି
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୦୧୨୧୮୩୦

## ବାପା

### କ୍ଷଣପ୍ରଭା ମହାନ୍ତି

ଏବେ ଏବେ ବାପାମନେ ବୋଧେ
ଶୂନ୍ୟ ଆକାଶରେ ଅଣ୍ଡାଳି ହୁଅନ୍ତି
ନିରବ ପଣରେ ଜୀବନର ପରିଭାଷା,
ସେଇ ଶୂନ୍ୟ କାନ୍ ଭାସ ରେ ଆଙ୍କିହୁଅନ୍ତି
ଜୀଇଁ ବାର ଚିତ୍ରଲିପି ସଫଳତା ଓ ବ୍ୟର୍ଥତା
ଅଙ୍କା ବଙ୍କା ସୁଅରେ ଆଶା ଓ ନିରାଶା ।

ଏବେ ଏବେ ନିର୍ବୋଧ ବାପା ମାନେ
ବୋଧେ ପରଖି ପାରନ୍ତି ନାହିଁ ଭଲ ଆଉ
ମନ୍ଦ, ଦାଣ୍ଡଘର ପିଣ୍ଡା ରେ ଅଲକ୍ଷରେ
ଲେଉଟା ନ୍ତି ଅସ୍ୱଚ୍ଛ ରହିଥିବା ଯେତେ
ସ୍ମୃତିର ପ୍ରଚ୍ଛଦ ।

ଏବେ ଏବେ ବପାମାନେ ବୋଧେ
ଲଙ୍ଘି ପାରନ୍ତି ନି ସୁଖ ଦୁଃଖ ର ଉଚ୍ଛୁଳା
ନଈ, କ୍ଲାନ୍ତିର ପକ୍ଷାଘାତରେ ବିକ୍ରମୀ ଦମ୍ଭ
ତାଙ୍କ ଅକାତ ରେ ପଡ଼ିଥାଏ ଶୋଇ
ମୋଟା କାଚ ଚଷମା ଫାଙ୍କରେ
ମିଳିଚିଆ ଆଲୁଅ ମାରେ ନିସ୍ତବ୍ଧତାର
ହାଇ ।

ଏ ବାପା ମାନେ ବୋଧେ ହାଇଁ ଫାଇଁ
ରକ୍ତ ର ସମ୍ପର୍କ ରିଲେ ଦୌଡ଼ ରେ
ହେଲେ ଧମନୀ ଗୋଟା ପଣେ ପ୍ରଦୂଷିତ
ଜୀବନ ଟା ଲାଗେ ସତେ ନଅର ଅସତ୍ୟ ।

ସୁଖକୁ ସାଉଁଟି ଅଣ୍ଟାରେ ଖୋଷିବା ପାଇଁ
ଶିଖିଛି ଶାରୀରିକ ବଳ, ହଜିଛି ଆସକ୍ତି
ବାପା ମାନେ ସସ୍ରଦ୍ଧେ ମୁଣ୍ଡ ଉପରେ ନିଜର
ଅଭିଶାପ ଯେତେ ନିଜେ ଧିକ୍କାରି ଦିଅନ୍ତି
ହେ ଶ୍ରବଣମାନେ !
କୁହ କୁହ ଛାତି ଦ୍ୱାର ଖୋଲି
ବାପା ନାମେ ଏ ସଂସାରେ ତୋଳିବ କାକଳି ?

♥ନୀଳାଦ୍ରି ନଗର ଖଣ୍ଡଗିରି
ମୋ:୯୪୩୮୩୮୩୧୬୧

## ସ୍ୱପ୍ନ ପରି ମେଘସ୍ୱପ୍ନ

### ପ୍ରଶ୍ନ କୁମାର ଶତପଥୀ



ଦିନର ଆଲୋକରେ
ସ୍ୱପ୍ନ ଯେପରି
ଆଖିରୁ ସହଜେ ଉଭେଇଯାଏ,
ମେଘ ଦେହରୁ
ଚପଳା ଝଲସି ଝଲସି
ଯେଉଁପରି ଛପିଯାଏ,
ଘନ ରାତିରେ
ସ୍ୱପ୍ନ ନୟନକୁ
ବାରବାର ଯାଇ ଆସୁଥାଏ,
ସକାଳ ଆସିଲେ
ସ୍ୱପ୍ନ ଯେମିତି ଦୁର୍ବଳ ହୋଇଯାଏ,
ଠିକ୍ ସେମିତି ବର୍ଷା କାଳରେ
ବାସ୍ତବ ମେଘ ସ୍ୱପ୍ନ ସବୁ
ବିଚ୍ଛୁରିତ ହୋଇଯାଏ
ସାରା ଆକାଶରେ,
ମେଘସ୍ୱପ୍ନ ସବୁ ଝରିଗଲେ
ହଠାତ୍ ଅନ୍ତର୍ଦ୍ଧାନ ହୋଇଯାନ୍ତି
ଶୂନ୍ୟ ଦୁନିଆରେ ।
ଦିନର ସ୍ୱପ୍ନ ସବୁ
ବାସ୍ତବ ଜଗତରେ
ମାଟି ଦୁନିଆରେ
ଲାଖିଯାଇଥାଏ ବୋଲି
ଆଖି କୋଣରେ
ସ୍ୱପ୍ନ ସବୁ ଝରିଯାନ୍ତି ଶବ୍ଦରେ,
ଗୋଟାଏ ଗୋଟାଏ ଲମ୍ବା ଧାଡ଼ିରେ,
ଆଖି ପଲକ ବୁଜିଲେ
ଯେଉଁସ୍ୱପ୍ନ ଆଖିରେ ଝଲସିଯାଏ,
ସେ ସ୍ୱପ୍ନରୁ ଶବ୍ଦ ତୋଳିବା
ବଡ଼ ଅଜବ ଅଜବ
ମନେ ହୁଏ ମନର ଘରେ
ଆଖି ଫିଟିଗଲା ପରେ ।

♥ଦୁମାଡ଼ିହି,ଜାମଦା,ମୟୂରଭଞ୍ଜ
ମୋ-୮୯୧୭୬୨୪୯୫୮



## କେହି, କରିନାହିଁ, ମୋ ପାଇଁ କିଛି

### ରାଖାଲ ଚନ୍ଦ୍ର ସ୍ୱାଇଁ



ନିଜ ଦେହ ନିଜେ,ଗଢି ପାରିନାହିଁ ,
ପଢି ପାରି ନାହିଁ, ସେ ତତ୍ତ୍ୱ ବିଧି।
ନିଜ ଶବ ନିଜେ ବୋହି ପାରିବିନି,
ଖୋଳି ପାରିବିନି ନିଜ ସମାଧି।
ଆଉ କା ତ୍ୟାଗରୁ,ଜୀଇଁଛି ଜୀବନ,
ଅନ୍ୟ ହାତ ଧରି, ଚାଲି ଶିଖିଛି।
ସବୁ ଜାଣି ପୁଣି ଗରବେ କହେ ମୁଁ,
କେହି କରିନାହିଁ ମୋ ପାଇଁ କିଛି।

ସକଳ ଶକ୍ତିର ଆଧାର ସୂରୁଜ,
ନିଶୁଳ୍କେ ବାଣ୍ଟନ୍ତି ଆଲୋକ ଧାରା।
ପ୍ରତି ମୁହୂର୍ତ୍ତରେ, ଶ୍ୱାସ କ୍ରିୟା ସେବା,
ଯୋଗାଏ ପବନ ଜୀବନ ସାରା।
ଜଳ ଜଳ ଦିଶେ ଜଳର ମହତ୍ତ୍ୱ,
ନିଶୁଳ୍କେ ଆମକୁ ସେବା ଦେଉଛି।
ସବୁ ଜାଣି ପୁଣି,କାହିଁକି କହେ ମୁଁ,
କେହି କରିନାହିଁ ମୋ ପାଇଁ କିଛି।

ଖରା ବର୍ଷା ଝଡ,ଗଛ ଲତା ସହି,
ଆମ ପାଇଁ,ଫଳ କରନ୍ତି ଦାନ।
ଆମ ପାଇଁ ଲଢି ସୀମାରେ ସୈନିକ,
ବାଜି ଲଗାଅନ୍ତି ନିଜ ଜୀବନ।
ଆମ ପାଇଁ ଚାଷୀ,ଖରା ବର୍ଷା ସହି ,
ପେଟକୁ ଆହାର ଯୋଗାଉ ଅଛି ।
ସବୁ ଜାଣି ପୁଣି, କହିବା କେମିତି,
କେହି କରିନାହିଁ ମୋ ପାଇଁ କିଛି।

♥ଆଡଭୋକେଟ, ଭଦ୍ରକ
ମୋ: ୯୩୩୭୬୨୩୬୮୫

## ନିମନ୍ତ୍ରଣ : ତୁମକୁ

### କବିତା ପଣ୍ଡା



ଥରେ ! ଫେରି ଆସ
ଏଇ ପ୍ରୀତି ଲଗ୍ନା ରାଣରେ
ଥରୋଟିଏ ଖାଲି ଥରୋଟିଏ ।

ଆଖିରେ ମିଶାଇ ଆଖିକୁ
ଓଠ ପରେ ଓଠକୁ ଥୋଇ
କହିଦେଇ କେହି ପଦ ମିଠା କଥା
ଭରିଦିଅ ମନରେ ଶୀତଳତା ।

ତୁମ ବାରିଧିର ପ୍ରବଣତାରେ
ଶାନ୍ତ କରିଦେଇ ଅଶାନ୍ତ କୋହକୁ ।

ତା' ପରେ ଫେରିଯିବ
ଫେରେଇ ଦେବି ବାହୁଡ଼ାର ଗୀତ ଗାଇ
ତୁମ ଅପେକ୍ଷାର ରଙ୍ଗୀନ୍ ରାତି ପାଖକୁ ।

ଯେଉଁଠି ତୁମେ ହଜିଯିବ
ରୂପସୀ କୋମଳ ମତୀ ଫୁଲର ଛାତିରେ
କଳା ଭ୍ରମରଟେ ସାଜି ।
ମିଳୁଥିବ ଅନେକ କିଛି
ତୁମ ଭାବନାରୁ ଅଧିକ ।

ମୁକୁଳା କେଶର ହସ
ଅମୃତ ରସାବଳିରେ ହଜି
ଗାଉଥିବ ରାଜ କୁମାରଟେ ସାଜି ।

ନ ଥିବ ବତାସ କି କଣ୍ଟାର ଆଘାତ
ଥିବ ଶେଷ ଶ୍ରାବଣଟେ ହୋଇ
ସ୍ମୃତି ର ଚିରକାଳ ।

♥ମଙ୍ଗଳ ପୁର, ସୋର,
ବାଲେଶ୍ୱର

## ଶ୍ରାବଣୀ କନିଆଁ

### ନିରଞ୍ଜନ ପତି



ମୌସୁମୀ ଆସିଲା ତାପରେ ବରଷା
ତାପରେ ଶ୍ରାବଣୀ ଆସିଛି,
ଏ ତିନି ଭଉଣୀ ବିଭା ହୋଇ ଯିବେ
ଲୁହ ଧାର ତାଙ୍କ ଖସୁଛି।

ଧରିତ୍ରୀ ମାଆର ଏଇ ତିନି ଝିଅ
ଲୁହରେ ଭିଜାନ୍ତି ମାଟିକୁ,
ସୁନାର ଫସଲ ଫଳିଥାଏ ଯେଣୁ
ଦାନା ମିଳିଥାଏ ପାଟିକୁ।

ତାଙ୍କ ବାହାଘରେ ଘଡଘଡି ବାଣ
ଝଲସେ ବିଜୁଳି ଆଲୋକ,
ମହୁରୀ ବଜାଏ ବେଙ୍ଗୁଲୀ ନାନୀ ଟି
କମ୍ପି ଉଠେ ସାରା ମୁଲକ।

ନୂଆ ଫଳ ଫୁଲ ପତ୍ର ରେ ଶୋଭିତ
ସଜ୍ଜିତ ହୋଇଚି ଧରଣୀ,
ଇନ୍ଦ୍ରଧନୁ ଶୋଭା ତୋରଣର ଆଭା
କରୁଚି କନ୍ୟାଙ୍କୁ ବରଣୀ।

ଫଳ,ଫୁଲ, ଶସ୍ୟ, ପରିବାକୁ ନେଇ
ଘରେ ଘରେ ଭୋଜି ଆସର,
ଜହ୍ନି, ସଲରାକୁ କାଙ୍କଡ଼ ତର୍କାରି
ରନ୍ଧା ହୁଏ ଦେଇ ବେସର।

ବନ୍ୟାର ଆଶଙ୍କା ସୃଷ୍ଟି ହୋଇଥାଏ
ଲୁହଧାର ବୋହି ଅଧିକ,
ଏ ସବୁ ଦୃଶ୍ୟ କୁ କଲମେ ଫୁଟାନ୍ତି
କବି, କବୟିତ୍ରୀ ସାଧକ।

ଲଘୁଚାପ ଆସି ଅବପାତ ହେଲେ
ଶ୍ରାବଣୀ ଧକେଇ କାନ୍ଦଇ,
ଦୁଃଖ ବା ସୁଖରେ ଚାଷୀଭାଇ ରହି
ଏଇ ଉତ୍ସବକୁ ବନ୍ଦଇ।

♥ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

## ହେ ବର୍ଷା

### ଦୀପ୍ତି ମିଶ୍ର



ହେ ବର୍ଷା !!!
ତୁମେ କେବେ ସ୍ମୃତି କେବେ ସ୍ୱପ୍ନ
କେବେ ପ୍ରିୟା କେବେ ପ୍ରେମ,
କେବେ ତୁମେ ଅନୁରାଗିଣୀ
କେବେ ସ୍ୱାଭିମାନୀ ......
କେବେ ଧ୍ୱଂସ କାରିଣୀ
କେବେ ପୁଣି ସୃଷ୍ଟି କାରିଣୀ
ମହା ଶକ୍ତି ତୁମେ ।

ହେ ବର୍ଷା !!!
କେବେ ଆସ ଚୁପି ଚୁପି
କେବେ ପୁଣି ଝିପି ଝିପି
କେବେ ଟପ୍ ଟପ୍
ଜାମୁକୋଳି ଟୋପା ପରି
ଲେସି ହୋଇଯାଅ ଦେହରେ
ଲାଜକୁଳୀ ଲତାଟିଏ ପରି.....
ଭିଜାଇ ଦେଇ ଦେହ ଆଉ ମନ
ଜୀବନ୍ତ କରିଦିଅ ଅତୀତକୁ,
ସ୍ମୃତିର ସେହି ଚିତ୍ର ପଟ
ଭରା ଚିକ୍ ମିକ୍ ଆଲବମ୍
ଭରି ଯାଏ ତୁମରି ପ୍ରେମର
ମାଧୁରିମା ଆଉ ରଙ୍ଗୀନ୍ ସ୍ୱପ୍ନରେ ।

ହେ ବର୍ଷା !!!
ତୁମେ ଆସିଲେ
ମୋ ଆଖି ଦୁହେଁ ସଜଳ ହୋଇ ଉଠନ୍ତି
କାରଣ ତୁମରି ଉପସ୍ଥିତିରେ ମୁଁ
ଖୁବ୍ ଭଲ କାନ୍ଦିପାରେ,
ତୁମେ ଆସିଲେ ନା ...
ଭିତରେ ଚାପି ହୋଇଥିବା କୋହ
ଉତୁରି ଆସେ ବେଗରେ,
ଆଉ ସବୁଠୁ ବଡ କଥା ହେଲା
ଜମା ଜଣା ପଡେନା ତାହା ମୋ ଆଖିର
ନା ତୁମ ଆକାଶର ।

♥ବାରିପଦା

## ଶଶୁର ଶାଶୂ ମୋ ଘରେ

### ଶିଶିର କୁମାର ପଣ୍ଡା



ମାଆ ଘରେ ଛୋଟ ପଙ୍ଖା ଲଗେଇଛି
ମୋ ଘରେ ରହିଛି ଏସି
ତାକୁ ହୁଏନାହିଁ ଗରମ ଭାବୁଛି
ମତେ ହୁଏ ଟିକେ ବେଶୀ ।
ବୁଢ଼ୀ ତ ହେଲାଣି ସିଏ,
ବରଷେ ଭିତରେ ମରିବ ନିଶ୍ଚିତ
ଯମରାଜ ଡାକ ଦିଏ ।

ଅବଶ୍ୟ ମତେ ସେ ପାଳିଛି, ପୋଷିଛି
ଛୋଟରୁ କରିଛି ବଡ଼
ପିଲାବେଳେ ତାଆ ଉପରେ ବହିଛି
ଅଭାବର ଧୂଳି ଝଡ଼ ।
ତଥାପି ଯାଇନି ଭାଙ୍ଗି ।
ନିଜେ ବନ୍ଧାପଡ଼ି ଯୋଗାଇ ଦେଇଛି
ସବୁଚିଜ ମୋଓ ଲାଗି ।

ଏବେ ସେଇକଥା ଅତୀତ ମୋ ଲାଗି
ଯାହା ମୁଁ ଯାଇଛି ଭୁଲି
ଧନ ଗରବରେ ଛାତି ଫୁଲିଉଠେ
ମର୍ସିଡିଜ୍ ଚଢ଼େ ବୁଲି
ଶଶୁର ଶାଶୂ ମୋ ଘରେ ।
ଶଳା, ଶାଳୀ କେଡ଼େ ଯତନେ ବଢ଼ନ୍ତି
ଦେଖିଆସ କେହି ଥରେ ।

ମାଆ କଥା ନିତି ବୁଝିବା ପାଇଁକି
ରଖିଛି ବିଧବା ଟିଏ
ଘରଣୀ ଯାଏନା ମୋ ମାଆ ପାଖକୁ
ସିଏ ହିଁ ଖାଇବା ଦିଏ ।
ନିଜ ବାପା ମାଆ ଅଳି,
ସବୁ ବୁଝୁବୁଝୁ ଝାଉଁଳି ପଡୁଛି
ଭାରିଯା କୋମଳ କଳି ।

♥କୁଆଁସ, ମେରଦା କାଟିଆ, ଯାଜପୁର
ମୋ:୮୯୮୧୭୩୭୨୨୮

## ସ୍ୱର୍ଣ୍ଣ ଓଡ଼ିଶା

### ଜୟଶ୍ରୀ ଦାସ



ପୁଣ୍ୟ ଦେବଭୂମି ଭୂଖଣ୍ଡେ ବିରାଜେ
ଓଡିଶା ରାଜ୍ୟ ଆମରି,
ଜଗତର ନାଥ ଜଗନ୍ନାଥ ଯହିଁ
ଢାଳନ୍ତି କରୁଣା-ବାରି।

ଆମ ରାଇଜରେ ଉଇଁଆସେ ଆଜି
ପ୍ରଗତିର ନବରବି,
ଯହିଁ ଦେଖ ତହିଁ ଝଲସି ଉଠଇ
ନବ ଉନ୍ମେଷର ଛବି।

ଶିକ୍ଷା, ସ୍ୱାସ୍ଥ୍ୟ,କୃଷି,କଳ କାରଖାନା
ସବୁଥିରେ ଅଗ୍ରସର,
ବଡ଼ ଠାକୁରଙ୍କ ପରିକ୍ରମା ଶୋଭା
ଦିଶେ କେଡେ ମନୋହର।

ସ୍ୱାବଲମ୍ବୀ ଆଜି ସବୁ ବର୍ଗ ଲୋକେ
ସବୁରି ମୁହଁରେ ହସ,
ପ୍ରଗତି-ନଉକା ମଙ୍ଗ ଧରିବା
ଆସ, ଯୁବପିଢ଼ି ଆସ।

ଆମ ସରକାର ବଦ୍ଧପରିକର,
ମନେ ଭରେ ନୂଆ ଆଶା,
ଦେଶେ ନୁହେଁ ଖାଲି, ବିଶ୍ୱେ ଚମକିବ
ଆମରି ସ୍ୱର୍ଣ୍ଣ ଓଡିଶା।

♥ସ୍ନାତକୋତ୍ତର କଳା(ଓଡ଼ିଆ),
ଫକୀର ମୋହନ ସ୍ୱୟଂ ଶାସିତ
ମହାବିଦ୍ୟାଳୟ, ବାଲେଶ୍ୱର

## ଆହତ ବର୍ତ୍ତମାନ

### ଡ. ମନୋରଞ୍ଜନ ବିଷୋୟୀ



ସ୍ମୃତିରେ ବେଦନା
ସ୍ଥିତି ବିଡ଼ମ୍ବନା
ଏସବୁ ଭିତରେ
କାଳ ଗଡୁଥାଏ, କରାଳ ବେଗରେ
ତା'ଭିତରେ, ତୁମକୁ ଖୋଜେ
ମହମହ ବହଳ ଅନ୍ଧାରେ
କାଳେ ତୁମେ ଫେରିବ
ଆଞ୍ଜୁଳାଏ ପୂର୍ଣ୍ଣତା ନେଇ
ମୋ ଆହତ ବର୍ତ୍ତମାନକୁ
ହେଲେ ତୁମକୁ ଘେରିଛନ୍ତି
ସମ୍ପର୍କର ଛନ୍ଦାଛନ୍ଦି
ଯେତେକ ସ୍ୱାକ୍ଷର
ତେଣୁ ତୁମେ ନ ଫେରି
ଭୁଲିଗଲ
ଆମେ ଦେଖିଥିବା
ଯୁଗ୍ମ ଭାଗ୍ୟଫଳ।

♥ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭

# ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନ

ମାଲକାନଗିରି, ୧୨/୦୮ (ନି.ପ୍ର): ସ୍ଥାନୀୟ ଜବାହର ନବଦୋୟ ବିଦ୍ୟାଳୟ, ମାଲକାନଗିରି -୧ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସ ଆଜି ପାଳନ କରାଯାଇଥିଲା କ୍ଷ ଏହି ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ ଯୋଗ ଦେଇଥିଲେ କ୍ଷ ଉଦଘାଟନ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଧନେଶ୍ୱର ମହାପାତ୍ର, ଏଡିଡବ୍ଲୁଓ ସମଲ କୁମାର ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ, ବିଶ୍ୱନାଥ ସାହୁ, ଡିଏସଡବ୍ଲୁଓ, ଇନ୍ଦିରା ପ୍ରଧାନ, ପ୍ରିନ୍ସିପାଲ, କେ ଏସ ଏନ ପ୍ରସାଦ , ଡିପିଏମ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଜାତୀୟ କୃମି ନାଶକ ଦିବସ ବିଷୟରେ ଉଦବୋଧନ ଦେଇଥିଲେ ଓ ଅଗଷ୍ଟ ୧୦ ତାରିଖ ଦିନ ସାରା ଦେଶରେ କୃମି ରୋଗର ନିରାକରଣ ନିମନ୍ତେ କୃମି ନାଶକ ବଟିକା ( ଆଲବେଡାଜଲ) ୧ ବର୍ଷରୁ ୧୯ ବର୍ଷ ପିଲାଙ୍କୁ ପ୍ରତ୍ୟେକ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରରେ ଦିଆଯାଇଛି ଓ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସହଯୋଗରେ ଛାତ୍ର ଛାତ୍ରୀ ଏବଂ ବାଳକ ବାଳିକା ମାନଙ୍କୁ ଯୋଗେଇ ଦିଆଯାଉଛି ଓ ଏହା ସହ ୨୦ ରୁ ୨୪ ବର୍ଷ ଗର୍ଭବତୀ କିମ୍ବା ପ୍ରସୂତି ମା ହୋଇ ନଥିବା ମହିଳା ମାନଙ୍କୁ ଏହି କୃମି ନାଶକ ବଟିକା ଖୁଆଇବା ବ୍ୟବସ୍ଥା କରାଯାଇଛି।

ଏହି ବୈଠକରେ କୃମି ରୋଗ ସମ୍ବନ୍ଧରେ ସଚେତନତା ସହ ବାଳକ ବାଳିକା ମାନଙ୍କୁ କୃମି ନାଶକ ବଟିକା ଖୁଆଯାଇଥିଲା କ୍ଷ ବୈଠକରେ ଏପିଡେମିଓଲୋଜିଷ୍ଟ ଡ଼. ଦୁର୍ଗା ପ୍ରସାଦ ରାଜ, ଟୀକାକରଣ କମ୍ପୁଟର ଆସିଷ୍ଟାଣ୍ଟ ଶିବ ପ୍ରସାଦ ପ୍ରହରାଜ, ଡିଏମଆରସିଏଚ୍, ଓ଼ମ ପ୍ରକାଶ ସା, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ମାଝୀ, ସ୍କୁଲ କର୍ମଚାରୀ ଏବଂ ଅନ୍ୟମାନେ ସହଯୋଗ କରିଥିଲେ ।

# ଆନ୍ତର୍ଜାତୀୟ ତାଇକଣ୍ଡୋ ପ୍ରତିଯୋଗିତାରେ ଭାଗନେଇଛନ୍ତି ସୁବର୍ଣ୍ଣପୁରର ୪ ଖେଳାଳୀ

ସୁବର୍ଣ୍ଣପୁର, ୧୨/୦୮ (ନି.ପ୍ର): ଅନ୍ତର୍ଜାତୀୟ ତାଇକଣ୍ଡୋ ପ୍ରତିଯୋଗିତାରେ ପୁଣି କମାଲ ଦେଖାଇବେ ୪ ଓଡିଆ ଖେଳାଳୀ । ଥାଇଲାଣ୍ଡର ଆସୁମସନ ବିଶ୍ୱବିଦ୍ୟାଳୟ ବେଙ୍ଗକକ୍ ଠାରେ ଅନୁଷ୍ଠିତ ହେଉଥିବା ୭ମ ହିରୋସ କପ ଆନ୍ତର୍ଜାତୀୟ ତାଇକଣ୍ଡୋ ଚମ୍ପିଆନସିପ-୨୦୨୪ରେ ଅଂଶଗ୍ରହଣ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ଏହେସାସ ତାଇକଣ୍ଡୋ ଏକାଡେମୀର ୪ ଖେଳାଳୀ । ଅର୍ନ୍ତଜାତୀୟ ତାଇକଣ୍ଡୋ ଖେଳାଳୀ ତଥା ଭାରତୀୟ ଦଳର କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଏହି ଟିମ ଆଜି ବେଙ୍ଗକକ୍ ରେ ପଂହଚିଥିବା ବେଳେ ଏହି ଟିମରେ ସବ ଜୁନିଅର ( ମହିଳା) ତାସା ନାୟକ, ସବ ଜୁନିଅର ( ମହିଳା) ବର୍ଗରେ ତନୟା ଦାଶପଟ୍ଟନାୟକ,ଜୁନିଅର (ମହିଳା) ଅନୁସ୍କା ଦାଶ ଏବଂ ସିନିଅର ( ପୁରୁଷ) ବର୍ଗରେ ବିଶ୍ୱରଂଜନ ସାହୁ ଯୋଗଦେଇଛନ୍ତି । ଏହି ପ୍ରତିଯୋଗିତାରେ ୩୦ ଗୋଟି ଦେଶର ୩ ହଜାର ଜଣ ଖେଳାଳୀ ବିଭିନ୍ନ ବର୍ଗରେ ଭାଗନେଇଛନ୍ତି। ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଥାଇଲାଣ୍ଡ ଗସ୍ତରେ ଥିବା ଏହି ଖେଳାଳୀଙ୍କ ସଫଳତା ପାଇଁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଂଜନ ମିଶ୍ର, ରାଜ୍ୟ ତାଇକଣ୍ଡୋ ସଂଘର ସଂପାଦକ ମନମୋହନ ଭଂଜ, ଜିଲ୍ଲା ତାଇକଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲ୍ଲା ତାଇକଣ୍ଡୋ ସଂଘର ଆଇନ ପରାମର୍ଶଦାତା ଶେଷଦେବ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ, ୧୨/୦୮ (ନି.ପ୍ର): ଓଡ଼ିଶା ସାମ୍ବାଦିକ ସଂଘ ଓଜେୟୁ ପୁରୀ ଜିଲ୍ଲା ପକ୍ଷରୁ ରବିବାର ପୂର୍ବାହ୍ନରେ ଚକ୍ରତୀର୍ଥ ରୋଡ ସ୍ଥିତ ୟୁଥ ହଷ୍ଟେଲ ସଭାଗୃହରେ ଗଣତନ୍ତ୍ରରେ ଗଣମାଧ୍ୟମ ଓ ଗଣନେତାଙ୍କ ଭୂମିକା ସମ୍ପର୍କରେ ଏକ ତାତ୍ତ୍ୱିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାସହ ପୁରୀ ଜିଲ୍ଲା କାର୍ଯ୍ୟକାରୀ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପିର ଉପସଭାପତି ଶଙ୍କର୍ଷଣ ପରିଡା ଯୋଗଦେଇ ଗଣତନ୍ତ୍ର ଗଣନେତା କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ବ୍ୟବସ୍ଥାପିକାକୁ ଗଣମାଧ୍ୟମ ସତର୍କ କରିବା ଯୋଗୁ ଭାରତରେ ଗଣତନ୍ତ୍ର ସ୍ୱଚ୍ଛନ୍ଦରେ ଗତି କରିପାରିଛି । ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ, ରାଜ୍ୟ ସଂପାଦକ ଦୁର୍ଯ୍ୟୋଧନ ମହାରଣା ଓ ଉପସଭାପତି ଦୀପକ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସାମ୍ବାଦିକ କଲ୍ୟାଣ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଧିବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ସମାଜସେବୀ ସୂର୍ଯ୍ୟନାରାୟଣ ରଥ, ଦକ୍ଷ ସାମ୍ବାଦିକା ପ୍ରାଚୀ ମହାପାତ୍ର, ପ୍ରଫେସର ଭକ୍ତି ରଞ୍ଜନ ପଲେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗଣମାଧ୍ୟମ ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ପୁରୀ ଜିଲ୍ଲା ସଭାପତି ବିଜୟ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରରେ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବିଜୟ କୁମାର ମିଶ୍ର, ଉପସଭାପତି ଅନିମେଶ ପଟ୍ଟନାୟକ ଓ ସଞ୍ଜୟ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର କର, ଯୁଗ୍ମ ସମ୍ପାଦକ ରାଜଶ୍ରୀ ସାହୁ,ବନିତା ଦୀକ୍ଷିତ, କୋଷାଧ୍ୟକ୍ଷ ଅରୁଣ କୁମାର ଓ କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ ପ୍ରଧାନ, ଅଜିତ ମହାନ୍ତି, ବିକ୍ରମ କେଶରୀ ଆଚାର୍ଯ୍ୟ, ସତ୍ୟ ନାରାୟଣ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ ପ୍ରମୁଖ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବେ ଦେବୀପ୍ରସନ୍ନ ଗାଙ୍ଗୁଲି ଓ ଅକ୍ଷୟ କୁମାର ସ୍ୱାଇଁଙ୍କ ନାମ ରହିଥିବା ବେଳେ ଗୁରୁଚରଣ ଦାସ, ସରୋଜ ମଲ୍ଲିକ, ସନ୍ତୋଷ କୁମାର ଦାସ, ନାରାୟଣ ପାତ୍ର, ଶିବ କିଶୋର ପଲେଇ, ସୁଜିତ ମହାପାତ୍ର, ଅନନ୍ତ ଶତପଥୀ ଓ ପ୍ରୀତମ ରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରରେ ସମାଜସେବୀ ସନ୍ତୋଷ କୁମାର ଆଢ୍ୟ ଓ ସୂର୍ଯ୍ୟନାରାୟଣ ମହାରଣା, ସଫଳ ସୁଟର ରାଜନାରାୟଣ ଖୁଂଟିଆ, ଦକ୍ଷ ସାମ୍ବାଦିକା ପ୍ରାଚୀ ମହାପାତ୍ର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସୁଧାଂଶୁ ଶେଖର କର ପରିଚାଳନା କରିଥିବା ବେଳେ ଅନିମେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସାରନଗରୀ, କମ୍ୟୁନିଟି ସେଂଟର ଓ ସୋସିଆଲ ହୋମ ଆଦି ଟେଂଟ ମାଲିକଙ୍କ କବଜାରେ ଲୋକେ ହନ୍ତସନ୍ତ

ରାଉରକେଲା, ୧୨/୦୮ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଅଧିନରେ ବିଭିନ୍ନ ଅଂଚଳରେ ଥିବା କମ୍ୟୁନିଟି ସେଂଟର, ସୋସିଆଲ ହୋମ, ଅଫିସର କ୍ଲବ ଆଦି କାରଖାନା କର୍ମଚାରୀମାନଙ୍କର ପରିବାରର ସାମାଜିକ କାର୍ଯ୍ୟକ୍ରମ ଲାଗି ରହିଥିବା ବେଳେ ରାଉରକେଲା ସାରନଗରୀ ଅଂଚଳରେ ଥିବା ଏହି ସବୁ ଘର, ହଲ ଓ ପଡିଆ ବର୍ତମାନ କିଛି ଟେଂଟ ହାଉସ ବାଲା କୌଶଳ କ୍ରମେ ଅଧିକାରୀ ମାନଙ୍କର ସହାୟତାରେ କବଜା କରି ରଖିଥିବାରୁ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟ ଲାଗି କର୍ମଚାରୀ ଓ ଅଂଚଳ ବାସୀ ନାନା ପ୍ରକାର ସମସ୍ୟାରେ ପଡି ହନ୍ତସନ୍ତ ହୋଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ଖବରରୁ ଜଣାପଡିଛି, ସାରନଗରୀ ଅଂଚଳରେ ଗୋଟିଏ କମ୍ୟୁନିଟି ସେଂଟର, ଗୋଟିଏ ସୋସିଆଲ ହୋମ, ଗୋଟିଏ ଅଫିସର କ୍ଲବ ଓ ଗୋଟିଏ କର୍ମଚାରୀ କମ୍ୟୁନିଟି ସଂଟର ରହିଛି । ଏହି ସବୁକୁ ସୋସିଆଲ କାମ ଲାଗି ବୁକ୍ କରିବାକୁ ହେଲେ ଯଥା କ୍ରମେ ୩ ହଜାର,୫ ହଜାର, ୧୦ ହଜାର,୧୬ ହଜାର ଓ ୧୯ ହଜାର ଦେଇ ବୁକ୍ କରିବାକୁ ପଡିଥାଏ । ଏଥିଲାଗି ଆରଏସପିର ଅଧିକାରୀ କର୍ମଚାରୀ ମାନେ ରହିଥିବା ବେଳେ କମ୍ୟୁନିଟି ସେଂଟର ଲାଗି ଜଣେ କର୍ମଚାରୀଙ୍କୁ ରଖାଯାଇଛି। ସେ କମ୍ୟୁନିଟି ସେଂଟରରେ ଅଫିସ କରି ଏସବୁ କାମ କରିଥାନ୍ତି । ହେଲେ ଏହା ଭିତରେ ଟେଂଟ ହାଉସ ବାଲା ପଶିଯାଇ ଅଗ୍ରିମ ପଇସା ଦେଇ ବାହା ବ୍ରତ ସମୟର ତାରିଖ ଗୁଡିକୁ ଆଗୁଆ ବୁକ୍ କରିଦେଉଥିବା ବେଳେ କିଛି କର୍ମଚାରୀ ଓ ଅଫିସରଙ୍କ ସଲାସୁତରା ଲାଗି କେବଳ ନାମକୁ ମାତ୍ର ଆଗୁଆ ବୁକ ଦେଖାଇଦେଉଥିବାରୁ ସାଧାରଣ ଲୋକେ ଏସବୁ ପାଇବାରୁ ବଂଚିତ ହେଉଛନ୍ତି। ଫଳରେ ଚଢା ଦାମରେ ଟେଂଟ ହାଉସ ବାଲାଙ୍କ ଠାରୁ ଏସବୁ ନେଇ ଲୋକେ କାମ କରିବାକୁ ବାଧ ହେଉଛନ୍ତି । ଯେମିତି କି ସାଧାରଣ କମ୍ୟୁନିଟି ସେଂଟର ଲାଗି ୩ ହଜାର ଭଡା ଥିବା ବେଳେ ଲୋକଙ୍କୁ ଏଥିଲାଗି ୬ ହଜାର ଦେବାକୁ ପଡିବା ସହ ଟେଂଟ ହାଉସ ବାଲା ସିଜିନ ଅନୁଶାରେ ଲୁଟୁଥିବାର ଅଭିଯୋଗ ହେଉଛି । ଏଠାରେ ଥିବା ପୋସିଆଲ ହୋମ ଅଫିସର କ୍ଲବ ଛଡା ରହିଥିବା ଏକ ପଡିଆର ଡିମାଣ୍ଡ ଅଧିକ ଥିବା ବେଳେ ଏହାର ରେଟରେ ହାତ ମାରି ହେଉନାହିଁ, ଏସବୁ ଯାଗାରେ ପାଣି ଯୋଗାଇ ଦିଆଯାଉନଥିବା ବେଳେ ସୋସିଆଲ ହୋମ ନେଉଥିବା ଲୋକେ ସେଠାରେ ଥିବା ଘର ଗୁଡିକ ବ୍ୟବହାର କରିପାରୁ ନାହାନ୍ତି, ସେସବୁକୁ କିଛି ଟେଂଟ ବାଲା ଦଖଲ କରି ସେଠାରେ ନିଜର ବିଭିନ୍ନ ସାମଗ୍ରୀ ରଖି ଗୋଦାମ ଘରରେ ପରିଣତ କରିଛନ୍ତି । ରାଉରକେଲା ଇସ୍ପାତ ଜାରଖାନାର ଭିତରୁ ବାହାର ଯାଏ ଏହିଭଳି ବ୍ୟାପକ ଅନିୟମିତତା ଚାଲିଥିଲେ ମଧ ଦାୟିତ୍ୱରେ ଥିବା ବାବୁ ମାନେ ଧାନ ଦେବାକୁ ସମୟ ପାଉ ନାହାନ୍ତି। ଫଳରେ ଏଭଳି କାରବାର କରି ବ୍ୟାପକ କଳା ଟଙ୍କା ରୋଜଗାର କରିଚାଲିଛନ୍ତି କିଛି କର୍ମଚାରୀ ଓ ଅଧିକାରୀ କିନ୍ତୁ ସିବିଆଇ ମଧ ଏମାନଙ୍କୁ ଦୃଷ୍ଟି ଦେଉନଥିବାରୁ ରାଉରକେଲା ଇସ୍ପାତ କାରଖାନାର ବାବୁ ମାନଙ୍କର କଳାଧନ ରୋଜଗାର ଲାଗି ବେଶ ଆଖିବୁଜା ସୁଯୋଗ ମିଳିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ଦାମାପୁଟ ଜଙ୍ଗଲରେ ଅବକାରି ଚଢାଉ

ଜୟପୁର , ୧୨/୦୮ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ରଖିବା ସହ ପ୍ରସ୍ତୁତ ସୁଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇଛି । ଅବକାରି ବିଭାଗ କୁ ଦେଖି ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ବିଭାଗ । ଘଟଣା ସ୍ଥଳରୁ ୭ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରିଛି । ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରି ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର

ଗଂଜାମ, ୧୨/୦୮ (ନି.ପ୍ର): ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓ ପ୍ରାଚୀନ ସାହିତ୍ୟ ସଂସଦ, ବ୍ରହ୍ମପୁରରେ ମିଳିତ ଆନୁକୂଲ୍ୟରେ ଓଡିଆ ବିଭାଗରେ ଶ୍ରେଣୀ ପ୍ରକୋଷ୍ଠରେ ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଡଃ. ଲକ୍ଷ୍ମୀ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସାହିତ୍ୟ ଆସରରେ ଦେବଦୁର୍ଲ୍ଲଭ ଦାସଙ୍କ ରଚିତ 'ରହସ୍ୟମଞ୍ଜରୀ' କାବ୍ୟ ସଂପର୍କରେ ମୁଖ୍ୟ ଆଲୋଚକ ଭାବରେ ପଣ୍ଡିତ ବିଶ୍ୱନାଥ ଶତପଥୀ ସାରଗର୍ଭକ ଆଲୋଚନା ଉପସ୍ଥାପନା କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ 'ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର' ମହାସଚିବ ଶ୍ରୀଯୁକ୍ତ ଦଣ୍ଡପାଣି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କବିତା ଆସରରେ ଶ୍ରୀଯୁକ୍ତ ନିଳକଣ୍ଠ ସାହୁ ଓ କବୟିତ୍ରୀ ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ଶାନ୍ତନୁ ସୁନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥୀଲେ । ସଂପାଦକ ଶ୍ରୀଯୁକ୍ତବଂଶୀଧର ସେଠୀ ଏବଂ ଉପ-ସଭାପତି ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମିଶ୍ର ଆସରର ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅନେକ ଅଧ୍ୟାପକ ବି ଏହି ଆସରରେ ଯୋଗଦାନ କରିଥିଲେ । ଶେଷରେ କବି ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାହିତ୍ୟ ଆସରରେ ସତୁରୀରୁ ଅଧିକ କବି, କବୟିତ୍ରୀ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀ ଯୋଗଦାନ କରିଥିଲେ । ପ୍ରମୋଦ କୁମାର ପଣ୍ଡା, ଶ୍ରୀମତୀ ଗାୟତ୍ରୀ ରଥ ଷଡ଼ଙ୍ଗୀ, ଟି. କାଳିପ୍ରସାଦ ରାଓ, ଡ. ସନ୍ତୋଷ କୁମାର ଦାସ, ଶ୍ରୀମତୀ ଅମିତା ମିଶ୍ର, ମିହିର କୁମାର ରଥଶର୍ମା, (ଇଂ) ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଅଧିବକ୍ତା ମନୋଜ ପାଣିଗାହୀ, ବୃନ୍ଦାବନ ପଣ୍ଡା, ଗିରିଜା ଶଙ୍କର ଦାଶ, ବି. ସତ୍ୟମ ଆଚାରୀ, ଶଙ୍କର୍ଷଣ ତ୍ରିପାଠୀ, ଡ. ଶ୍ୟାମାପ୍ରସାଦ ମିଶ୍ର, ଡ. ପ୍ରଫୁଲ ଚନ୍ଦ୍ର ମହାନ୍ତି, ବ୍ରଜେନ୍ଦ୍ର କୁମାର ଦାଶ, ଚନ୍ଦ୍ରଶେଖର ମହାପାତ୍ର, ଡାକ୍ତର ସୁଶାନ୍ତ କୁମାର ସାଶମଲ ଓ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ ଭାଗଶ୍ରୀ ସାହୁ, ରୋଜି ଦଳାଇ, ସ୍ୱସ୍ତିରାଣୀ ନାୟକ, କିରଣ ବେହେରା ଏହି ଆସରରେ ନିଜସ୍ୱ କବିତା ପାଠ କରିଥିଲେ ।

# ସରକାରଙ୍କ ଚାରାରୋପଣ ସେପଟେ ଗଛ କଟା : ସରକାରୀ ଜମିରୁ କାଟି ନେଲେ ବହୁ ମୂଲ୍ୟବାନ ଗଛ

ଧର୍ମଶାଳା, ୧୨/୦୮ (ନି.ପ୍ର): 'ଏକ ପୈଡ ମା କେ ନାମ' ଚାରାରୋପଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରା ଦେଇଥିଲେ। ଏହି ନାରାକୁ ନେଇ ରାଜ୍ୟ ସରକାର ପ୍ରତ୍ୟକ ଲୋକଟିକୁ ଗଛଟିଏ । ତେଣୁ ସାଢେ ଚାରି କୋଟି ଓଡିଶାବାସୀଙ୍କ ପାଇଁ ପାଂଚ କୋଟି ଚାରାଗଛ ସରକାର ଲଗାଇବା ପାଇଁ ସ୍ଥିର କରିଛନ୍ତି । ଏପଟେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେପଟେ ଗଛ କଟା ଯାଉଥିବା ଦେଖିବାକୁ ମିଳିଛି । ଯାଜପୁର ତହସିଲ ବ୍ରହ୍ମବରଦା ଥାନା ଝାଲପଡା ପଂଚାୟତ କାକୁଡିକୁଦ ଗ୍ରାମର ନଣ୍ଡା ମାଧବ ପଡିଆରେ ଥିବା ସରକାରୀ ଜମିରୁ ୮ ଗୋଟି ମୂଲ୍ୟବାନ ଗଛକୁ ସ୍ଥାନୀୟ ଲୋକେ କାଟି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ରବିବାର ସକାଳ ସମୟରେ କାକୁଡିକୁଦ ରାଜସ୍ୱ ଗ୍ରାମର ନଣ୍ଡା ମାଧବ ସରକାରୀ ଜମିରେ ଥିବା ବହୁ ମୂଲ୍ୟବାନ ଶାଗୁଆନ, ପଟାସ୍ ଓ ଆକାଶୀ ଗଛକୁ ଗ୍ରାମର ପରମେଶ୍ୱର ଜେନା ଓ ତାଙ୍କ ୨ ପୁଅ ପ୍ରଭଞ୍ଜନ ଓ ପ୍ରିୟ ରଞ୍ଜନ କଟର ମେସିନ ଲଗାଇ ଗଛ ଗଛଗୁଡିକୁ କାଟି ଅତି ଚତୁରତାର ସହ ଟ୍ରାକ୍ଟରରେ ଲଦି ନେଇ ଯାଉଥିବା ସମୟରେ ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ପୁଅ ବଳାରାମ ଓ ସ୍ଥାନୀୟ ଲୋକେ ସରକାରୀ ଜମିରୁ କାହିଁକି ଗଛ କାଟି ନେଲ ବୋଲି ପଚାରିବାରୁ ପରମେଶ୍ୱର ଏବଂ ତାଙ୍କ ୨ ପୁଅ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୋରଜବରଦସ୍ତ ଘଟଣାସ୍ଥଳରୁ ଟ୍ରାକ୍ଟର ନେଇ ପଳାଇଥିଲେ । ଏନେଇ ବଳରାମ ଓ ସ୍ଥାନୀୟ ଗ୍ରାମବାସୀ କାକୁଡିକୁଦ ରାଜସ୍ୱ ନିରୀକ୍ଷକ, ଯାଜପୁର ତହସିଲଦାର ଓ ଡାଳିଯୋଡା ବନବିଭାଗକୁ ଖବର ଦେବା ସହିତ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି ଚାରାରୋପଣ କରିବା ପାଇଁ ଲୋକମାନଙ୍କୁ କହୁଥିବା ବେଳେ ଅନ୍ୟ ପଟେ ଗଛ କାଟିବାକୁ ପ୍ରୋତ୍ସହନ ଦେଉଥିବା ଗ୍ରାମବାସୀ କହିଛନ୍ତି । ଗଛ କାଟିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି ।

# ଦୟନୀୟ ଅବସ୍ଥାରେ ମାଲକାନଗିରି ମଡ଼େଲ ଡିଗ୍ରୀ କଲେଜ

ମାଲକାନଗିରି, ୧୨/୦୮ (ନି.ପ୍ର): ଓଡ଼ିଶାର ଉପାନ୍ତ, ଅନଗ୍ରସର ତଥା ଆଦିବାସୀ ବହୁଳ ଅଂଚଳର ତାଲିକାରେ ପ୍ରଥମେ ଆସୁଥିବା ମାଲକାନଗିରି ଜିଲ୍ଲାର ବିକାଶ ନିମନ୍ତେ ସରକାର ୨୦୧୬ ମସିହାରେ ଏକ 'ଆଦର୍ଶ ସ୍ନାତକ ମହାବିଦ୍ୟାଳୟ' ଜିଲ୍ଲାବାସୀଙ୍କୁ ଅର୍ପଣ କରିଥିଲେ। ସେ ସମୟରେ ସମସ୍ତ ଅଂଚଳବାସୀଙ୍କ ମନରେ ଆଶାର ଆଲୋକ ଝଲସି ଉଠିଥିଲା। '' ଯା' ହଉ ଏଥର ଆମ ପୁଅ-ଝିଅ ପାଠ ପଢି ମଣିଷ ହେବେ'' । କିନ୍ତୁ ଦୁଃଖର କଥା କଲେଜ ହେବାର ଆଠ ବର୍ଷ ପରେ ମଧ ପରିଚାଳନା ପାଇଁ ସ୍ଥାୟୀ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଦିଆଯାଇ ପାରିନାହିଁ । ଆଜି ବି କଲେଜ ପାଇଁ କନିଷ୍ଠ କିରାଣୀ, ପାଠାଗାର ପରିଚାଳକ, ପାଠଗାର ସଂରକ୍ଷକ, ବିଜ୍ଞାନର ସମସ୍ତ ବିଭାଗ ପରୀକ୍ଷାଗାର ସଂରକ୍ଷକ ଏପରିକି ପିଅନ ସୁଦ୍ଧା ନିଯୁକ୍ତି ଦିଆଯାଇନାହିଁ। କେବଳ ଏତିକି ନୁହେଁ ୧ ୫ଟି ବିଭାଗରେ୧୨ଟି ସ୍ଥାୟୀ ସହକାରୀ ପ୍ରାଧ୍ୟାପକ କର୍ମରତ ଥିବାବେଳେ ବାକି ସବୁଥିରେ ଅତିଥି ଅଧ୍ୟାପକ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ପୁଣି ଗତ ବର୍ଷଠାରୁ ଚାରୋଟି ନୂତନ(ଓଡ଼ିଆ, ଇଂରାଜୀ, ଇତିହାସ ଓ ମନସ୍ତତ୍ୱ) ବିଭାଗ ଖୋଲା ହେବା ପରେ ବି ସ୍ୱତନ୍ତ୍ର ପ୍ରଶାସନିକ ପ୍ରକୋଷ୍ଠଟିଏ ବ୍ୟବସ୍ଥା ହୋଇପାରିନାହିଁ । ନୂତନ ଭାବରେ ଚାରୋଟି ବିଭାଗ ଖୋଲାହେବା ପରେ ପିଲା ସଂଖ୍ୟା ପାଖାପାଖି ୧୨୦୦ରୁ ୧୫୦୦କୁ ବୃଦ୍ଧି ପାଇଛି । ତେଣୁ ଶ୍ରେଣୀ ଗୃହର ମଧ ଅଭାବ ଦେଖାଦେଇଛି । ସହର ଠାରୁ ଦୂରରେ ତଥା ନଈକୂଳବର୍ତ୍ତୀ ନିଛାଟିଆ ସ୍ଥାନରେ କଲେଜଟି ରହିଛି। ଏ କ୍ଷେତ୍ରରେ ପିଲାମାନଙ୍କ ସୁରକ୍ଷା ପାଇଁ ସୁଉଚ୍ଚ ଫାଟକ ଏବଂ ପାଚେରୀର ଆବଶ୍ୟକତା ରହିଥିବା ବେଳେ ଏଠି ଜଗୁଆଳି ମଧ ନାହାନ୍ତି। ଏ କଲେଜକୁ ବହୁ ଦୂରଦୂରାନ୍ତ ମାଥିଲି, କାଳିମେଳା, ଚିତ୍ରକୋଣ୍ଡା, ପଡିଆରୁ ଗରିବ ପିଲା ପାଠ ପଢିବାକୁ ଆସନ୍ତି । ବର୍ଷା ଝଡ଼ତୋଫାନ ହେଲେ କଲେଜ ସଂପୂର୍ଣ୍ଣ ପିଲାଶୂନ୍ୟ ହୋଇ ଯାଏ । ଯଦିଓ ଏଠି ଗରିବ ତଥା ଦୂରବର୍ତ୍ତୀ ପିଲାଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା କରାଯାଇଥିଲେ ମଧ କର୍ମଚାରୀ ଅଭାବରୁ ପରିଚାଳନା କରିବା ସମ୍ଭବପର ହୋଇପାରୁନାହିଁ ।

# ଜଗନ୍ନାଥ ସାଗର ଉନ୍ନୟନ ଡିସେମ୍ବର ସୁଦ୍ଧା ସରିବ: ପୌର କାର୍ଯ୍ୟନିର୍ବାହୀ ଅଧିକାରୀ

ଜୟପୁର, ୧୨/୦୮ (ନି.ପ୍ର): ଦୀର୍ଘ ଦିନ ହେଲା ଜୟପୁର ଜଗନ୍ନାଥ ସାଗରର ଉନ୍ନୟନ କାର୍ଯ୍ୟ ଚାଲିଛି । ହେଲେ କାର୍ଯ୍ୟରେ ଜନସାଧାରଣ ସନ୍ତୁଷ୍ଟି ନାହାନ୍ତି । ଏହାକୁ ନେଇ କିଏ ପୌର କାର୍ଯ୍ୟାଳୟକୁ ଅଙ୍ଗୁଳି ଦେଖାଉଛି ତ, କିଏ ଜିଲ୍ଲା ପ୍ରଶାସନକୁ ନିନ୍ଦୁଛି । ଏସବୁ ସତ୍ୱେ ଆଜି ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଗତ ଦିନରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ ସହ ଆସନ୍ତା ଡିସେମ୍ବର ସୁଦ୍ଧା ଏହା ଚୂଡ଼ାନ୍ତ ପର୍ଯ୍ୟାୟକୁ ଆସିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଜଗନ୍ନାଥ ସାଗରର ଉନ୍ନତି ପାଇଁ ତିନୋଟି ବିଭାଗ ଏକା ସଙ୍ଗେ କାର୍ଯ୍ୟାରମ୍ଭ କରିଛନ୍ତି । ପ୍ରଥମ କାର୍ଯ୍ୟ ମାଇନର୍ ଇରିଗେସନ୍ ବିଭାଗ ନେଇଛି । ଜୟପୁର ଏମ୍ ?ଆଇ ବିଭାଜନ ଜଗନ୍ନାଥ ସାଗରକୁ ଯେଉଁ ଅପରିଷ୍କାର ଜଳ ପ୍ରବେଶ କରୁଥିଲା, ସେଥିରେ ରୋକ୍ ଲଗାଇବାକୁ ଚେଷ୍ଟା କରି ନୂଆ ରୂପରେ ଡ୍ରେନେଜ୍ ତିଆରି କରୁଛି । ଏହା ନୂଆସାହି ଠାରୁ ଆରମ୍ଭ କରି ପଂଚାନନ ମନ୍ଦିର ଯାଏଁ ଜଗନ୍ନାଥ ସାଗର କଡ଼ରେ ଯିବ । ଯଦ୍ୱାରା ସହରର ଅପରିଷ୍କାର ଜଳ ଆଉ ଜଗନ୍ନାଥ ସାଗରରେ ପ୍ରବେଶ କରିବ ନାହିଁ । ଦ୍ୱିତୀୟ କାର୍ଯ୍ୟ ହାତକୁ ନେଇ ପୂର୍ତ୍ତ ବିଭାଗ । ଏହି ବିଭାଗ ଜୟନଗର ରାସ୍ତାର ସଂପ୍ରସାରଣ କାର୍ଯ୍ୟ କରିବ । ଯଦ୍ୱାରା ସାଗର କୂଳରେ ଚାରିଥାକିଆ ରାସ୍ତା ସହ ଚାରିଆଡ଼େ ପାଦଚଲା ରାସ୍ତା ମଧ ତିଆରି ହେବ । ଏହାଦ୍ୱାରା ସାଗରର ସୌନ୍ଦର୍ଯ୍ୟ ବଢ଼ିବ । ତୃତୀୟ ଦାୟିତ୍ୱ ନେଇଛି ସୁନାବେଢ଼ା ଏଚ୍ ଏଏଲ୍ । ହିନ୍ଦୁସ୍ଥାନ୍ ଏରୋନେଟିକ୍ ଲିଃ ନିଜର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସାଗରକୁ ପ୍ରଦାନ କରିଛି । ଏହି ଅର୍ଥରେ ଟେଣ୍ଡର ପ୍ରକାଶ ପାଇବା ସହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଯାହା ଅଳ୍ପ ଦିନ ମଧ୍ୟରେ ଆରମ୍ଭ ହେବ । ଚତୁର୍ଥରେ ସାଗରରେ ହୋଇଥିବା ଜବରଦଖଲକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବ । ଯଦ୍ୱାରା ସାଗରର ପରିସୀମା ବଢ଼ିବା ସାଙ୍ଗକୁ ସୌନ୍ଦର୍ଯ୍ୟମୟ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଜଣାଇଛନ୍ତି । ତାଙ୍କର ସୂଚନା ଅନୁସାରେ ମତ୍ସ୍ୟ ବିଭାଗ ଯେଉଁ ଛୋଟ ଛୋଟ ପୋଖରୀ ନିର୍ମାଣ କରି ମାଛଚାଷ ଉପଯୋଗୀ କରିଥିଲା, ସେଗୁଡ଼ିକୁ ସାଗରରେ ମିଶାଯିବ । ଯାହା ଅଦରକାରୀ ହୋଇ ପଡିଛି ପ୍ରଥମେ ସାଗରରେ ମିଶିବେ । ବିଶେଷକରି ବିଜୁ ଭେଣ୍ଡିଂ ଜୋନ୍ ନିକଟରେ ରହିଥିବା ୩ଟି ପୋଖରୀ ସାଗରରେ ମିଶିବ । ତତ୍ ?ସହ ବିଜୁରାଜ ନଗରର ଯେଉଁ ପାଣି ସାଗର ମଧ୍ୟକୁ ପ୍ରବେଶ କରୁଛି ତାହା ମଧ ବନ୍ଦ କରାଯାଇ ଡ୍ରେନ୍ ଯୋଗେ ଛଡ଼ାଯିବ । ଏସବୁ ପରେ ସାଗରର ଚାରି ପାଶ୍ୱର୍ରେ ପାର୍କିଂ ଷ୍ଟେଜ୍ , ଓ୍ୱାକିଂ ପାଥ୍, ବସିବା ସ୍ଥଳ, ଖେଳିବା ସ୍ଥାନ, ଜିମ୍, ଚାରିଆଡ଼େ ଆଲୋକିକରଣ, ବରିଷ୍ଠ ନାଗରିକଙ୍କ ପାଇଁ ବସିବା ସ୍ୱତନ୍ତ୍ର ସ୍ଥାନ ନିର୍ମାଣ କରାଯିବ । ଏଥିନେଇ ଡିଜାଇନ୍ ତିଆରି ସରିଛି । ବର୍ତ୍ତମାନ ରାଜ୍ୟ ସରକାରଙ୍କ ମୋ-ପୋଖରୀ ଯୋଜନାରେ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି । ପ୍ରାୟ ୫ ହଜାର ଟିପର୍ ମାଟି ବାହାର କରାଯାଇଛି । ଏହି ମାଟି ଏସଡିପିଓଙ୍କ କାର୍ଯ୍ୟାଳୟ, ଘରୋଇ ବସ୍ ?ଷ୍ଟାଣ୍ଡ, ମୋ ଖତ ପ୍ଲାଂଟ ନିକଟରେ ପକାଯାଇଛି । ୭/୮ଫୁଟ ଗଭୀରରୁ ପଂକ ଉଦ୍ଧାର ସରିଛି । ସାଗର ମଧ୍ୟରେ ରହିଥିବା ଗରୁଡ଼ସ୍ତମ୍ଭ ନିକଟକୁ ପଂକ ଉଠାଇବା ଗାଡ଼ି ଯିବା ସମ୍ଭବ ହୋଇନାହିଁ । ତେଣୁ ଶେଷରେ ଡେଜିଂ ମେସିନ୍‌ର ସହାୟତା ନିଆଯାଇଛି । ଏହି ମେସିନିଂ ଯୋଗେ ଏବେ ବି ପଂକ ଉଦ୍ଧାର ଚାଲିଛି । ପ୍ରଥମେ ଜଳ ନିଷ୍କାସନ ନେଇ ୩୨ ଫୁଟର ସାଗର ହିଡ଼କୁ ଖୋଲା ଯାଇଥିଲା । ତାହା ବନ୍ଦ କରାଯାଇଛି । ଏବେ ଏଥିରେ ଛୋଟ ଗାଡ଼ି ଯାଉଥିବା ବେଳେ ଆଗାମୀ ଦିନରେ ରାସ୍ତା ଓ କୋଠାବାଡ଼ି ବିଭାଗ ପୁଣି ପୂର୍ବ ଭଳି ରାସ୍ତା ନିର୍ମାଣ କରିବ ଏବଂ ବଡ଼ ଗାଡ଼ି ଯିବା ଆସିବା କରିବ । ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସ ସୁଦ୍ଧା ଦେଖିବେ ଜଗନ୍ନାଥ ସାଗରର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବ ବୋଲି ପୌର ଅଧିକାରୀ ଆଜି ଜଣାଇଛନ୍ତି । ସୂଚନା ଅନୁସାରେ, ଜୟପୁର ଐତିହାସିକ ଜଗନ୍ନାଥ ସାଗରର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସିଥିଲା । ଏହି ଦାବିକୁ ଗରୁତ୍ୱ ଦେଇ ସୁନାବେଢ଼ାସ୍ଥ ଏଚ୍ ଏଏଲ୍ ସଂସ୍ଥା ତାହାର ସିଏସ୍ ?ଆର୍ ପାଣ୍ଠିରୁ ୬ କୋଟି ଟଙ୍କା ବ୍ୟୟ କରି ସୌନ୍ଦର୍ଯ୍ୟ କରଣ ପାଇଁ ଆଗେଇ ଆସିଥିଲା । ଏହି ଟଙ୍କାରୁ ୧ କୋଟି ଟଙ୍କା ପୌର ପାଳିକା ଗୋଟିଏ ଠିକାସଂସ୍ଥା ଜରିଆରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବଳକା ୫ କୋଟି ଖର୍ଚ୍ଚ କରିବାକୁ ଇ- ଟେଣ୍ଡର କରିଛି । ଏହି ଟଙ୍କାରେ ନୂଆ ସାହି ପଂଚମ ଗଳି ନିକଟରୁ ପଂଚାନନ ମନ୍ଦିର ଏବଂ ପାର୍କ ଲାଇନ୍ ନିକଟରୁ ଜୟନଗର ଯାଏଁ ସୌନ୍ଦର୍ଯ୍ୟକରଣ କରାଯିବ । ଏତିକି ବେଳେ ରାଜ୍ୟ ସରକାର ପୁଣି ଏହି ସାଗରକୁ "ଆମ ପୋଖରୀ' ଯୋଜନାରେ ଅନ୍ତର୍ଭୁକ୍ତ କରାଇଛନ୍ତି । ଏହି ଯୋଜନା ମାଧ୍ୟମରେ ଜଗନ୍ନାଥ ସାଗର ପାଇଁ ୧୪ କୋଟି ୮୪ ଲକ୍ଷ ୬୮ ହଜାର ଟଙ୍କା ଆସିଥିବା ବେଳେ ଏହା ସାଗରର ନବୀକରଣ କାର୍ଯ୍ୟ ମିଶନ ଶକ୍ତିଙ୍କ ସହଭାଗିତାରେ କରାଇବା ବ୍ୟବସ୍ଥା ରହିଛି । ଆର୍ଥିକ ବର୍ଷ ୨୦୨୪-୨୨୫ ପାଇଁ ଆସିଥିବା ଏହି ଅର୍ଥ ବ୍ୟୟରେ ବର୍ତ୍ତମାନ ପୌର ପାଳିକା ପକ୍ଷରୁ ସାଗରର କାର୍ଯ୍ୟ ଆରମ୍ଭ ହୋଇଛି । ଆମ ପୋଖରୀ ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟ ପାଇଁ ପୌର ପାଳିକା ସରକାରଙ୍କ ନିୟମ ମୁତାବକ ସହରର ବିଭିନ୍ନ ୱାର୍ଡରୁ ୮୫ ଜଣ ସ୍ୱୟମ ସହାୟିକା ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛି । ଏହି ଗୋଷ୍ଠୀ ମାନେ ସାଗରର ଜଳ ନିଷ୍କାସନ, ପଙ୍କ ଉଦ୍ଧାର, ଘାସ ସଫେଇ, ମାଟି ହିଡ଼ ସଫା ସହ ଭିତରକୁ ପାଣି ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା କରାଇବେ । ଭିତରକୁ ଆସିବା ପାଣି ଯେଭଳି ସ୍ୱଚ୍ଛ ହେବ ସେନେଇ ମଧ ବ୍ୟବସ୍ଥା ସାଙ୍ଗକୁ ସାଗର କଡ଼ରେ ପାଦଚଲା ରାସ୍ତା ସାଙ୍ଗକୁ ସାଗର ମଧ୍ୟରେ ଦ୍ୱୀପ ଭଳି ପରିବେଶ ସୃଷ୍ଟି କରିବା ବ୍ୟବସ୍ଥା ରହିଛି । ହେଲେ ଏସବୁ ସାଗରର ପାଣି ନିଷ୍କାସନ ସହ ଘାସ ଏବଂ ପଙ୍କ ଉଦ୍ଧାର ପରେ ହେବ । ସମସ୍ତ କାର୍ଯ୍ୟ ଆମ ପୋଖରୀ ଗାଇଡ୍ ଲାଇନ୍ ଅନୁଯାୟୀ ଚାଲିଥିବା ସେ ସ୍ପଷ୍ଟ କରିଛନ୍ତି । ସଉରାସାହି ଠାରୁ ପଂଚାନନ ମନ୍ଦିର ନିକଟବର୍ତ୍ତୀ ଅଂଚଳ ଯାଏଁ ସହ ସ୍ପିଲ୍ ୱେ କଡ଼ର ମାଟି ଏବଂ ପଙ୍କ ଉଦ୍ଧାର ଶେଷ ପ୍ରାୟ । କେବଳ ମଝିରେ ମଝିରେ ମାଟି ରଖାଯାଇଛି, ତାହା ଶେଷ ବେଳକୁ ବାହାରିବ । ସେହିପରି ପଂଚାନନ ମନ୍ଦିର ଠାରୁ ଜୟନଗର ଛକ ଅଂଚଳ ଯାଏଁ ପ୍ରାୟ ମାଟି ବାହାରିଛି । ଏଭଳି କାର୍ଯ୍ୟ କ୍ଷୀପ୍ର ଗତିରେ ଚାଲିଛି । ଯେହେତୁ ବର୍ଷା ପଡୁଛି, କାମରେ କିଛି ବ୍ୟାଘାତ ଦେଖାଦେଇଛି । ବର୍ଷା ଛାଡିବାକ୍ଷଣି କାମ ଆଗେଇବ, ମଝିରେ ମଝିରେ ୱାଟରବଡ଼ି ଉପଦେଷ୍ଟା ଆସି କାମ ଦେଖୁଛନ୍ତି, ସେ ଖୁସି ଅଛନ୍ତି ଏବଂ ଡିସେମ୍ବର ବେଳକୁ ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟକରଣରେ ଆକାଶ ପାତାଳ ତଫାତ୍ ଥିବ ବୋଲି ଆଶ୍ୱାସନା ଦେଇଛନ୍ତି ଆଜି ପୌର ଅଧିକାରୀ । ଏଭଳି ସ୍ଥିତିରେ ଜୟପୁର ଜଗନ୍ନାଥ ସାଗର କାର୍ଯ୍ୟ ଚାଲୁ ରହିଛି । ଦେଖିବାକୁ ବାକି ରହିଲା ଧାର୍ଯ୍ୟ ସମୟ ପୂର୍ବରୁ ଏହା ଶେଷ ହେଉଛି କି ନାହିଁ ।

# ଟ୍ରକ୍ ପଛରେ ଧକ୍କାଦେଲା କାର୍ : ୨ ଗୁରୁତର

ଧର୍ମଶାଳା, ୧୨/୦୮ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା । ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛ ପଟକୁ ଟାଟା ଇଲେକ୍ଟ୍ରି କାର ଧକ୍କା ଦେଇଥିଲା । ଫଳରେ କାରରେ ଥିବା ୨ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ, ଆଜି ଅପରାହ୍ନରେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରେ ପୂର୍ବରୁ ଏକ ଟ୍ରକ ନମ୍ବର (ଓଡି୦୫ଏଜି୯୩୩୪) ଛିଡା ହୋଇଥିଲା । ତେବେ କଟକ ଅଭିମୁଖେ ଯାଉଥିବା ଏକ ଇଲେକ୍ଟ୍ରୀ ଟାଟା କାର ନମ୍ବର(ଓଡି୦୫ବିଏସ୍-୪୯୭୦) ଭାରସାମ୍ୟ ହରାଇ ଟ୍ରକ ପଛ ପଟକୁ ଧକ୍କା ଦେଇଥିଲା । ଫଳରେ କାର ଭିତରରେ ଥିବା ୨ ଜଣ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଧର୍ମଶାଳା ପୋଲିସ ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ । ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ତେବେ ସେମାନଙ୍କ ପରିଚୟ ମିଳି ପାରିନାହିଁ । ଏହି ଦୁର୍ଘଟଣାରେ କାରଟି ଚୁରମାର ହୋଇଯାଇଥିବା ବେଳେ ପୋଲିସ ୨ଟି ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

# ବାଲିଆପାଳ ସମବାୟ ସୂତାକଳ ଏବେ କେବଳ ଅତୀତର ସ୍ମୃତି: ପୁନଃ ଉଦ୍ଧାର ହେବା ଆଶା କ୍ଷୀଣ




ବାଲିଆପାଳ/ଲଙ୍ଗଳେଶ୍ୱର, ୧୨/୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ସ୍ଥିତ ଶ୍ରୀ ଗୋପୀନାଥ ବୁଣାକାର ସମବାୟ ସୂତାକଳ ଏବେ କେବଳ ଅତୀତର ସ୍ମୃତି ହୋଇ ରହିଛି। ବିଜେଡି ସରକାର ଅମଳରେ ଏହାର ପୁନଃ ଉଦ୍ଧାର ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର କାମର କୌଣସି ଅଗ୍ରଗତି ହୋଇ ନାହିଁ। ଏଥିପାଇଁ ରାଜ ନୈତିକ ଇଛା ଶକ୍ତି ହିଁ ଦାୟୀ। ୫ ଟି ସଚିବଙ୍କ ଲଙ୍ଗଳେଶ୍ୱର ଗସ୍ତ ସମୟରେ ସୂତା କଳର ପ୍ରାକ୍ତନ କର୍ମଚାରୀ ଓ ସ୍ଥାନୀୟ ଲୋକ ତାହାର ପୁନଃ ଉଦ୍ଧାର ପାଇଁ ଲେଖି ଦାବିପତ୍ର ଦେଇଥିଲେ। କିନ୍ତୁ ସେ ବାବଦରେ କୌଣସି ଅର୍ଥ ମଞ୍ଜୁର ହୋଇ ନାହିଁ। ଏବେର ନୂଆ ସରକାର ଯାହା ଜଣା ପଡୁଛି ଏହାର ପୁନଃ ଉଦ୍ଧାର ନେଇ ନୀରବ ରହିଛନ୍ତି । ଅଶି ଦଶକରେ ତତ୍କାଳୀନ କଂଗ୍ରସ ସରକାର ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ପରି ଯୋଜନାରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଦେଭୋଗ ଠାରେ ଶ୍ରୀ ଗୋପୀନାଥ ବୁଣାକାର ସମବାୟ ସୂତାକଳ ପ୍ରତିଷ୍ଠା କରିଥିଲେ। ପ୍ରତିଷ୍ଠା ଦିନରୁ ୫/୭ ବର୍ଷ ପର୍ଯ୍ୟନ୍ତ ସୂତାକଳ ଟି ସୁରୁଖୁରୁରେ ଚାଲି ଥିଲା। କଲିକତାର ପିକନ ନାମକ ଏକ କମ୍ପାନୀ ସୂତା ବଦଳରେ ତୁଳା ଦେଉ ଥିଲା। ତାହାଛଡା କର୍ମଚାରୀଙ୍କ ଦରମା, ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ବହନ କରୁଥିଲା। ମାତ୍ର ସରକାରଙ୍କ ଘରୋଇ କରଣ ନୀତି ଯୋଗୁଁ ସୂତାକଳ ବିକ୍ରି ପାଇଁ ୨୦୦୨ ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା।ଏହି ପ୍ରକ୍ରିୟା ଚାଲିଥିବା ବେଳେ ୨୦୦୫ ମସିହା ଡିସେମ୍ବର ମାସ ମଧ ରାତିରେ ସୂତା କଳରେ ଅଚାନକ ନିଆଁ ଲାଗିଗଲା। ନିଲାମ ନେବାକୁ ଥିବା କମ୍ପାନୀ ମାନେ ପଛ ଘୁଞ୍ଚା ଦେଲେ। ଶେଷରେ ପିକନ ଶାଗ ମାଛ ପରିବା ଦରରେ ନିଲାମ ନେବାକୁ ସଫଳ ହେଲେ। ମାତ୍ର କର୍ମଚାରୀଙ୍କ ବକେୟା ଦରମା, ସେମାନଙ୍କ ଇ ପି ଏଫ, ସୂତା କଳ ଉପରେ ବାକିଥିବା ବିଦ୍ୟୁତ ଦେୟ, ସ୍କିନ ଫେଡ଼ ର ଅନ୍ୟାନ ବାକିର ପୈଠ ଓ ଦେୟ ପରିଶୋଧ ନେଇ ସରକାରଙ୍କ ଅନୁମତି ପତ୍ର ପିକନ ପାଇ ପାରିଲା ନାହିଁ। ଯାହା ଫଳରେ କମ୍ପାନୀ ପିକନ ଅଦ୍ୟାବଧି କୌଣସି କାମର ଅଗ୍ରଗତି କରି ପାରି ନାହିଁ। ଏବେ ସରକାରଙ୍କ ତରଫରୁ ଜଣେ କର୍ମଚାରୀ ଓ କେତେ ଜଣ ସୁରକ୍ଷା କର୍ମୀ ରହିଛନ୍ତି ସୂତା କଳକୁ ଜଗିବା ପାଇଁ। ସୂତା କଳ କାର୍ଯ୍ୟକ୍ଷମ ନ ହେବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯନ୍ତ୍ର ପାତି, ଆସବାପାତ୍ରକୁ ଚୋରି କରି ନେଇ ଗଲେଣି। ସୂତା କଳ ଅଧିକୃତ ଜାଗା ଓ ଜମିକୁ ଜମି ଦେଇଥିବା ଲୋକମାନେ ଏବେ ଦଖଲ କରି ନେଇଛନ୍ତି । ଆଉ ସୂତାକଳ ହେବାର ସମ୍ଭାବନା କ୍ଷଣ।ନୂଆ ସରକାର ତାର ପୁନଃ ଉଦ୍ଧାର ନେଇ ପଦକ୍ଷେପ ନେବାକୁ ସୂତାକଳର ପୂର୍ବତନ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଶ୍ରାବଣ ମାସର ଚତୁର୍ଥ ସୋମବାରରେ କାଉଡିଆଙ୍କ ଭିଡ

ଭୁବନେଶ୍ୱର , ୧୨/୮ (ନି.ପ୍ର): ଆଜି ଶ୍ରାବଣ ମାସର ଚତୁର୍ଥ ସୋମବାରରେ ମହାଦେବଙ୍କ ଉପରେ ଜଳଲାଗି କରୁଛନ୍ତି କାଉଡିଆ ଭକ୍ତ।ସମସ୍ତ ଶୈବପୀଠରେ ଦେଖିବାକୁ ମିଳିଛି ଭକ୍ତଙ୍କ ଭିଡ।ପରମ୍ପରା ଅନୁସାରେ ଶ୍ରାବଣ ମାସରେ କାଉଡିଆ ମାନେ ମାନସିକ କରି ଶିବଙ୍କ ଉପରେ ଜଳଲାଗି କରିଥାନ୍ତି।ଆଜି ଶ୍ରାବଣ ମାସ ଚତୁର୍ଥ ସୋମବାର ଯୋଗୁଁ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଦେଖିବାକୁ ମିଳିଛି ହଜାର ହଜାର ଭକ୍ତଙ୍କ ଭିଡ। ଆଜି ଭୋରୁ ଦ୍ୱାର ଫିଟା ଯାଇ ନିତିକ୍ରାନ୍ତି ସମାପନ ହେବାପରେ ଭକ୍ତଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଛି।ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ସ୍ୱାଧିନତା ଆନ୍ଦୋଳନରେ ଛବିଲିପି ନେଇଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା: ଆମେ ଭଂଜ କଳାକାର



ଉଦଳା , ୧୨/୮ (ନି.ପ୍ର): ଲିପି ଉଦ୍‌ଭାବନ ହେବା ପୁର୍ବରୁ ଲୋକେ କେବଳ ଶୁଣି ଶୁଣି ମନେ ରଖୁଥିଲେ । ପରେ ଲିପିର ଉଦ୍ ?ଭାବନ ହୋଇଥିଲା । ତେବେ ବର୍ତମାନ ପ୍ରଚଳିତ ଥିବା ବିଭିନ୍ନ ଭାଷା ଓ ଲିପି ମଧ୍ୟରେ ପ୍ରଥମ କିଏ ତାହା କହିବା କଷ୍ଟକର । କିନ୍ତୁ ଚିତ୍ର ଯେ ପ୍ରଥମ ଲିପି ଏହା ସମଗ୍ର ବିଶ୍ୱବାସି ସ୍ୱୀକାର କରିଛନ୍ତି । ତେଣୁ ଛବିଲିପିକୁ ପ୍ରଥମ ଲିପି ଭାବରେ ଗଣାଯାଇଛି । ଏ ସମ୍ପର୍କରେ ଉଦଳାରେ ଥିବା ସ୍ୱେଚ୍ଛାସେବି ସଂଗଠନ 'ଆମେ ଭଂଜକଳାକାର'ର ସଭାପତି ପ୍ରସନ୍ନ କୁମାର ଦାସ ସୁଚନା ପ୍ରଦାନ କରିବା ସହ ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳାରେ ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପାଳନ କରାଯିବା ଅବସରରେ ଅଧ୍ୟୟନରଚ୍ଛ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ବୋଲି ଜଣାଇଛନ୍ତି । ଉକ୍ତ ପ୍ରତିଯୋଗିତା ୪ ଗୋଟି ବିଭାଗରେ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୨୦୦ ପ୍ରତିଯୋଗି ଅଂଶ ଗ୍ରହଣ କରିଥିବାର ଜଣାଯାଇଛି । ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ଚଳିତ ଅଗଷ୍ଟ ୧୫ ତାରିଖ ସ୍ୱାଧିନତା ଦିବସ ଦିନ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉତ୍ସବମଂଚରେ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଏହି ପ୍ରତିଯୋଗିତା ଚାଲିଥିବା ସମୟରେ ପରିଦର୍ଶନରେ ଆସି ସ୍ୱେଚ୍ଛାସେବି ସଂଗଠନ 'ଆମେ ଭଂଜ କଳାକାର'ର ଏହିଭଳି ଏକ ସାଧୁ ଉଦ୍ୟମକୁ ଭୂୟସି ପ୍ରଶଂସା କରିଛନ୍ତି । କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର ଓ ସଦସ୍ୟ କ୍ଷୀରୋଦ ରଂଜନ ମହାନ୍ତି , ଛବିଲିପି ମଧ୍ୟରେ ସମଗ୍ର ପୃଥିବୀରେ ପ୍ରଚଳିତ ଥିବା ସମସ୍ତ ଲିପି କିପରି ଲୁଚି ରହିଛି ଓ ଅତିତରେ ଛବି ମାଧ୍ୟମରେ କିପରି ଲୋକେ ଭାବର ଆଦାନ ପ୍ରଦାନ କରୁଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏବେ ମଧ ଖବର କାଗଜରେ ପ୍ରକାଶିତ ସମ୍ବାଦରେ ଯଦି ଫୋଟ ବା ଚିତ୍ର ନଥାଏ ତାହା ଏକ ପ୍ରଭାବଶାଳୀ ସମ୍ବାଦ ଭାବରେ ବିବେଚିତ ହୁଏ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ସୁରେଶ କୁମାର ଦାସ, ଡ଼ାକ୍ତର ଖଗେଶ୍ୱର ସିଂହ ଓ ସଂପାଦକ ରବିନ୍ଦ୍ର କଟୁଆଳ ସ୍ୱାଧିନତା ସଂଗ୍ରାମୀ ମାନେ ପରସ୍ପର ସହିତ ସଂପର୍କ ସ୍ଥାପନ ଓ ସ୍ୱାଧିନତା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ବିଭିନ୍ନ ଠାର ଓ ଚିତ୍ରକୁ କିପରି ବ୍ୟବହାର କରୁଥିଲେ ଜଣାଇଥିଲେ । ସ୍ୱାଧିନତା ଆନ୍ଦୋଳରେ ଛବିଲିପି କିପରି ବ୍ୟବହୃତ ହେଉଥିଲା ଏହାକୁ ମନେ ରଖିବା ଉଦେଶ୍ୟରେ ଆମେ ଭଂଜ କଳାକାର ତରଫରୁ ପ୍ରତିବର୍ଷ ଏହିଭଳି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇ ଆସୁଅଛି ବୋଲି ବ୍ୟକ୍ତ କରିଥିଲେ ।

## ପୌରାଂଚଳରୁ ବର୍ଷା ଓ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୨/୮ (ନି.ପ୍ର): ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡା ପୌରସଂସ୍ଥାର ସହରର ବିଭିନ୍ନ ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ଶୋଚନୀୟ ଥିବାରୁ ବର୍ଷା ଓ ବର୍ଜ୍ୟ ଜଳ ନିଷ୍କାସନ ହୋଇ ନପାରି ବିଭିନ୍ନ ୱାର୍ଡ ଗୁଡିକରେ ଜଳ ଜମି ରହୁଛି । ଏହାକୁ ନିଷ୍କାସନ କରିବା ପାଇଁ ଏକ ସମୀକ୍ଷା ବୈଠକ ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଅତିଥି ଭଅବେ ଯୋଗ ଦେଇଥିଲେ । ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଡ୍ରେନେଜ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ପ୍ରମୁଖ ଉପସ୍ଥିତ ରହି ରେଡିୟଣ୍ଟ ସଂସ୍ଥା ଦ୍ୱାରା ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନା କରାଯାଇ ଥିଲା । ଏଠାରେ ସୂଚନା ଯୋଗ୍ୟ ଯେ ପୌରାଂଚଳର ଡ୍ରେନେଜ୍ ସିଷ୍ଟମକୁ କିପରି ସୁପରିଚାଳନା କରାଯାଇ ପାରିବ ଓ ଉଦ୍‌ବୃତ ଜଳ ନିଷ୍କାସନ ସହଜରେ କରାଯାଇ ପାରିବ ସେ ସମ୍ବନ୍ଧରେ ରେଡିୟଣ୍ଟ ସଂସ୍ଥାକୁ ସର୍ଭେ କରିବାକୁ ଦାୟିତ୍ୱ ଦିଆଯାଇଥିଲା । ପୂର୍ବରୁ ପୌରାଂଚଳ ରେ ୩୬ କିମି ଡ୍ରେନ ଥିବାବେଳେ ସର୍ଭେ ରିପୋର୍ଟ ଅନୁଯାଇ ନୂଆ ଭାବେ ୭୧ କିମି ଡ୍ରେନ କରାଯିବା ସହ ବର୍ଜ୍ୟ ଜଳ ସୁପରିଚାଳନା ପାଇଁ ୩ଟି ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନା କରାଯାଇ ନାଳ, ନର୍ଦ୍ଦମା ଓ ଡ୍ରେନ ପାଣିକୁ ପରିସ୍କାର କରାଯାଇ ଗୋବରୀ ନଦୀ ଓ କେନାଲରେ ପ୍ରବାହିତ କରାଯିବ । ଏହି ସମସ୍ତ କାର୍ଯ୍ୟ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯିବ । ରାଜ୍ୟ ନଗର ଉନ୍ନୟନ ବିଭାଗ ଏହି ଯୋଜନାକୁ ମଞ୍ଜୁରୀ ଦେଲେ କେନ୍ଦ୍ରାପଡା ସହରର ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇ ପାରିବ ବୋଲି ଜଣାପଡିଛି । ଏହି ସମୀକ୍ଷା ବୈଠକରେ ଏମଇ, ଜେଇ, ପୌରସଂସ୍ଥାର ସମସ୍ତ କାଉନସିଲର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ନଦୀ କୂଳରେ ବାସନ ମାଜୁଥିବା ବେଳେ ମହିଳା ଗାଏବ



କେନ୍ଦ୍ରାପଡ଼ା , ୧୨/୮ (ନି.ପ୍ର): ନଦୀ କୂଳରେ ବାସନ ମାଜୁଥିବା ବେଳେ ମହିଳା ଗାଏବ ହୋଇଯାଇଛନ୍ତି। ହେଲେ ନଦୀ କୂଳରେ ବାସନ ଓ ମହିଳାଙ୍କ ଲୁଗାପଟା ପଡ଼ିଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ପତ୍ତା ମିଳୁନଥିବାରୁ କୁମ୍ଭୀର କୁମ୍ଭୀର ଝାମ୍ପି ନେଇଥିବା ସନ୍ଦେହ କରାଯାଉଛି। ଆଜି ଅପରାହ୍ନରେ ଏପରି ଖବର କେନ୍ଦ୍ରାପଡ଼ା ଜିଲ୍ଲାରୁ ଆସିଛି। ପଟ୍ଟାମୁଣ୍ଡାଇ ଥାନା ଅଳପୁଆ ପଞ୍ଚାୟତର ଅଳପୁଆଡିଆ ଗାଁର ମଞ୍ଜୁଲତା ଭଞ୍ଜ ଆଜି ଅପରାହ୍ନରେ ଖାଇସାରି ବାସନ ମାଜିବା ପାଇଁ ବ୍ରାହ୍ମଣୀ ନଦୀକୁ ଯାଇଥିଲେ। ନଦୀ କୂଳରେ ବସି ବାସନ ମାଜୁଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି। ଏବେ ମଞ୍ଜୁଲତାଙ୍କ ପତ୍ତା ମିଳୁନଥିବା ବେଳେ ନଦୀ କୂଳରେ ବାସନ ଓ ଚପଲ ପଡ଼ିଛି। ଏପରିକି କୁମ୍ଭୀର ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳୁଛି। ତେଣୁ ତାଙ୍କୁ କୁମ୍ଭୀର ଟାଣି ନେଇଥିବା ଚର୍ଚ୍ଚା ହେଉଛି। ତଥା ବନ ବିଭାଗ ନଦୀ କୂଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାରୁ ପ୍ରକାଶ, ଗତବର୍ଷ ୫ ଜଣଙ୍କୁ କୁମ୍ଭୀର ଟାଣିନେଇଥିଲା। ସେମାନଙ୍କ ଭିତରୁ କିଏ ବାସନ ମାଜୁଥିଲେ ତ ଆଉ କିଏ ଗାଧୋଉଥିଲେ। ଆଜି ମଞ୍ଜୁଲତାଙ୍କ ନିଖୋଜ ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି।

**AFFIDAVIT**

An affidavit before the executive Magistrate Basudevpur, I, Parbati Sahoo, aged about 41 yrs, W/o- Ramakanta Das, resident At- Khaira, Binayakpur, Po- Binayakpur, P.S- Basudevpur, Dist- Bhadrak, Odisha Declare that before my marriage my name Parbati Sahoo which is mentioned in my Aadhar Card bearing no- 622024413740, Voter Id Card, School certificate but after marriage my name Ranjita Das has been mentioned in my LIC policy bond bearing policy Ni- 585927753. Both Parbati Sahoo and Ranjita Das same and one person. Henceforth I will be known as Parbati Sahoo in all purpose.

Parbati Sahoo

## ଭୂମିହୀନଙ୍କୁ ମିଳିବ ପଟ୍ଟା

ଭୁବନେଶ୍ୱର , ୧୨/୮ (ନି.ପ୍ର): ଗ୍ରାମାଂଚଳରେ ପଟ୍ଟା ନଥିବା ହିତାଧିକାରୀ, ଗରିବଙ୍କୁ ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯିବ। ସେହିପରି ସରକାରୀ ଜମିରେ ଦୀର୍ଘ ଦିନ ଧରି ରହିଥିବା ହିତାଧିକାରୀ ମାନଙ୍କୁ ମଧ୍ୟ ୪ ଡିସିମିଲ ଲେଖାଏଁ ଜମି ଦିଆଯିବ। ରାଜ୍ୟରେ ଆଗାମୀ ୫ ବର୍ଷ ପରେ କେହି ଭୂମିହୀନ ଓ ବାସହୀନ ରହିବେନି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଭୂମିହୀନ ଓ ବାସହୀନମାନଙ୍କୁ ତିନୋଟି କାଟେଗୋରିରେ ବିଭକ୍ତ କରାଯାଇଛି। ଯେଉଁ ଅନୁସାରେ, ଗ୍ରାମାଂଚଳରେ ପଟ୍ଟା ନଥିବା ହିତାଧିକାରୀ, ଗରିବଙ୍କୁ ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯିବ। ଏଥିସହ ସହରାଂଚଳରେ ବସ୍ତିବାସିନ୍ଦା ଓ ବାସହୀନଙ୍କୁ ଜମି ଯୋଗାଇ ଦେଉଛନ୍ତି ସରକାର। ତୃତୀୟରେ ଜଙ୍ଗଲ ଅଧିକାର ଆଇନରେ ଜଙ୍ଗଲ ଜମିକୁ ମଧ୍ୟ କିସମ ପରିବର୍ତନ କରି ଦିଆଯାଉଛି। ସର୍ଭେ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆବଂଟନ ମଧ୍ୟ ଆରମ୍ଭ ହୋଇଗଲାଣି। ଜମି ମିଳିବା ପରେ ବାସଗୃହ, ପାନୀୟ ଜଳ, ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଯୋଗାଇ ଦିଆଯିବ । ୧୫ ତାରିଖରେ କଳାହାଣ୍ଡିରେ କିଛି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

## ଆଳୁ ସମସ୍ୟାର ସମାଧାନ କରନ୍ତୁ ରାଜ୍ୟ ସରକାର : ବିଜେଡି

ଭୁବନେଶ୍ୱର , ୧୨/୮ (ନି.ପ୍ର): ଓଡିଶାରେ ଆଳୁ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତା ସଂତୃପ୍ତ ମିଶ୍ର। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ସଂତୃପ୍ତ ମିଶ୍ର କହିଛନ୍ତି ସରକାର ପ୍ରୋ ଆକ୍ଟିଭ ନ ହୋଇ କାମ କରିବାରୁ ଆଜି ଆଳୁ ସମସ୍ୟା ଦେଖାଦେଇଛି। ଅତୀତରେ ବିଜେଡି ସରକାର ସମୟରେ ଆଳୁ ଦର କେବେବି ଏଭଳି ପରିସ୍ଥିତିରେ ପହଂଚି ନଥିଲା। ସରକାର ଆଳୁ ସଂକଟ ଦୂର ପାଇଁ ପଦକ୍ଷେପ ନେବା କଥା।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ନବାଗତ ବିଧାୟକଙ୍କୁ ଗୁରୁମନ୍ତ୍ର...

ଅନ୍ୟ ପଟେ ଖାଲି ପଡିଥିବା ୩୭ ନିଗମ ଏବଂ ବୋର୍ଡ ଗୁଡିକରେ କାହାକୁ କେଉଁଠି ଥଇଥାନ କରାଯିବ, ସେ ନେଇ କମିଟିରେ କଥା ଉଠିପାରେ। ଏସବୁ ବାଦ୍ ରାଜ୍ୟ କାର୍ଯ୍ୟକାରିଣୀର ପ୍ଲାନ କେତେ କାର୍ଯ୍ୟକାରୀ ହୋଇଛି ସେନେଇ ସମୀକ୍ଷା କରିବେ ପ୍ରଭାରୀ। ଗୋଟିଏ ପଟେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବେ ଦିଲ୍ଲୀ ଗସ୍ତରେ ଥିବାବେଳେ ଆଜିଠୁ ୩ ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

### ଅୟସ୍ କରୁଥିଲେ ପୂର୍ବତନ...

ସକାଳେ ଶ୍ରୀ ମିଶ୍ରଙ୍କ ପୈତୃକ ଘର ସମେତ ଭୁବନେଶ୍ୱର, କଟକ, ଝାରସୁଗୁଡ଼ାର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଭୁବନେଶ୍ୱର ନୟାପଲ୍ଲୀର ଅର୍ପଣ ଆପାର୍ଟମେଣ୍ଟରେ ଥିବା ଘର, ଖଣ୍ଡଗିରି କସମୋପଲିସରେ ଥିବା ଫ୍ଲାଟ୍, ଝାରସୁଗୁଡ଼ା ଆସିଆନା ଆପାର୍ଟମେଣ୍ଟରେ ଥିବା ୩ଟି ଫ୍ଲାଟ୍, କଟକ ଆଠଗଡ଼ରେ ଥିବା ପୈତୃକ ଘର ଓ ତିଗିରିଆରେ ରହୁଥିବା ସମ୍ପର୍କୀୟଙ୍କ ଘରେ ଚଢଉ କରାଯାଇଥିଲା।

### ବହୁ ଚର୍ଚ୍ଚିତ ...

ପାକସ୍ଥଳୀ କ୍ୟାନସରରେ ପୀଡ଼ିତ ଥିଲେ। ପ୍ରଥମେ କଟକ ଆଚାର୍ଯ୍ୟ ହରିହର ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଗତ ଦେଢ ମାସ ହେବ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଡାକ୍ତରଙ୍କ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ଗତ ରାତିରେ ଆଖି ବୁଜିଛନ୍ତି ବିତ୍ତିହୋତ୍ର ମହାନ୍ତି । ୨୦୦୬ରେ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ ବିତ୍ତିହୋତ୍ର । ବିତ୍ତିଙ୍କ ନାଁରେ ଜର୍ମାନ ସହପାଠୀ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ଆସିଥିଲା । ରାଜସ୍ଥାନ ଅଲଓ୍ୱାରକୁ ବୁଲିବାକୁ ଯାଇଥିବା ବେଳେ ଦୁଷ୍କର୍ମ ଅଭିଯୋଗ ଥିଲା । ଘଟଣାକୁ ନେଇ ବିତ୍ତିଙ୍କୁ ଗିରଫ କରିଥିଲା ରାଜସ୍ଥାନ ପୁଲିସ ଶୁଣାଣିର ମାତ୍ର ୯ ଦିନ ପରେ ବିତ୍ତିହୋତ୍ରଙ୍କୁ ଦଣ୍ଡାଦେଶ ହୋଇଥିଲା । ବିତ୍ତିହୋତ୍ରଙ୍କୁ ୭ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା କରିଥିଲେ କୋର୍ଟ। ଜେଲ୍‌ରେ ଥିବା ବେଳେ ମା'ଙ୍କ ଦେହ ଖରାପ ଦର୍ଶାଇ ପାରୋଲରେ ଆସିଥିଲେ ବିତ୍ତିହୋତ୍ର । ଏହାପରେ ସେ ଆଉ ଜେଲ୍‌କୁ ଫେରି ନ ଥିବା ବେଳେ ଫେରାର ହୋଇ ଯାଇଥିଲେ। ଫେରାର ହେବା ସମୟ ମଧ୍ୟରେ ସେ ନିଜ ନାଁ ରାଘବ ରାଜନକୁ ବଦଳାଇ କେରଳର ଏକ ବ୍ୟାଙ୍କରେ ଚାକିରି କରୁଥିଲେ । ଏହାପରେ ୨୦୧୩ ମସିହାରେ ଧରାପଡ଼ିବା ପରେ ପୂର୍ବ ମାମଲା ସହ ଫେରାର ଘଟଣାରେ ଜେଲ୍ ଯାଇଥିଲେ । ପରେ କ୍ୟାନ୍‌ସର ଆକ୍ରାନ୍ତ ହେବାରୁ ଆଗୁଆ ମୁକ୍ତି ଆବେଦନ କରିଥିଲେ। ୫ ବର୍ଷ ଜେଲ୍‌ରେ ରହିସାରିଥିବାରୁ ସୁପ୍ରିମକୋର୍ଟରେ ମୁକ୍ତି ଆବେଦନ କରିଥିଲେ । ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ସୁପ୍ରିମକୋର୍ଟ ତାଙ୍କ ମୁକ୍ତି ଆବେଦନ ଖାରଜ କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେ ଜେଲ୍‌ରୁ ବାହାରି ଦୀର୍ଘ ଦିନ ହେଲା ଚିକିତ୍ସାଧୀନ ଥିଲେ। ଏହାପରେ ଦୀର୍ଘ ଦିନ ହେଲା ସେ ଚିକିତ୍ସିତ ଥିବା ବେଳେ ଗତ ରାତିରେ ସେ ଆଖି ବୁଜିଛନ୍ତି। ଆଜି ଏମ୍ସରେ ବିତ୍ତିହୋତ୍ର ଶବ ବ୍ୟବଚ୍ଛେଦ କରାଯିବ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ । ଏହାପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି।

### କୋଲକାତା ଲଜ୍ଜା: ଆନ୍ଦୋଳନକୁ ...

ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡାକ୍ତର ସଂଘ। ଏହା ଭିତରେ ଘଟଣାରେ ପୁଲିସ ସଂଜୟ ରାୟ ନାମକ ଅଭିଯୁକ୍ତକୁ ଗିରଫ କରିଛି। ପଶ୍ଚିମବଙ୍ଗ ସରକାରଙ୍କ ଅଧିନରେ ଥିବା ଏହି ହସ୍ପିଟାଲରେ ସଞ୍ଜୟ ଜଣେ ସିଭିକ୍ ଭଲ୍ୟୁଣ୍ଟର ଭାବେ କାମ କରୁଥିଲା। ସେହି କାରଣରୁ ହସ୍ପିଟାଲ ଭିତରକୁ ତା'ର ଅବାଧ ପ୍ରବେଶ ଥିଲା। ସଞ୍ଜୟ ୪ ଥର ବିବାହ କରିଥିବା ବେଳେ ତା'ର ବ୍ୟବହାରରେ ଅତିଷ୍ଠ ହୋଇ ତିନି ଜଣ ପତ୍ନୀ ତାକୁ ଛାଡ଼ପତ୍ର ଦେଇଛନ୍ତି। ଘଟଣା ଦିନ ସଂଜୟ ଅଶ୍ଳୀଳ ଫିଲ୍ମ ଦେଖିବା ପରେ ଏଭଳି ପିଶାଚିକ କାଣ୍ଡ ଘଟାଇଥିବା ପୁଲିସ ଜାଣିବାକୁ ପାଇଛି। ଅପରପକ୍ଷେ ଏହି ଘଟଣାରେ ପଶ୍ଚିମବଙ୍ଗ ସରକାର ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟଙ୍କୁ ପଦରୁ ହଟାଇଦେଇଛନ୍ତି। ଏଥିସହ ଫିଜିଓଲଜି ପ୍ରଫେସର ଡକ୍ଟର ବୁଲବୁଲ ମୁଖପାଧ୍ୟାୟଙ୍କୁ ନୂଆ ସୁପରିଟେଣ୍ଡେଣ୍ଟ କମ୍ ଭାଇସ୍-ପ୍ରିନ୍ସିପାଲ ଭାବେ ନିଯୁକ୍ତ କରିଛନ୍ତି ।

### ଆଦାନି ଗ୍ରୁପ ଉପରେ...

କାରଣ ବୋଲି ହିଣ୍ଡେନବର୍ଗ ରିସର୍ଚ୍ଚ ଦାବି କରିଥିଲା। ଏହାକୁ ନେଇ ସେବି ମୁଖ୍ୟ ଏବଂ ତାଙ୍କ ସ୍ୱାମୀ ପ୍ରତିକ୍ରିୟା ରଖି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ବଦନାମ କରିବାକୁ ଚେଷ୍ଟା ଚାଲିଛି ବୋଲି କହିଥିଲେ। ସେହିପରି ଆଦାନି ଗ୍ରୁପ୍ ମଧ୍ୟ ହିଣ୍ଡେନବର୍ଗର ରିପୋର୍ଟକୁ ବ୍ୟକ୍ତିଗତ ଫାଇଦା ଉଦ୍ଦେଶ୍ୟରେ କରାଯାଇଥିବା କହିଥିଲା। ଏସବୁ ସତ୍ତେଇ ସତ୍ତ୍ୱେ ଆଜି ଶେଆର ବଜାରରେ ଆଦାନି ଗ୍ରୁପ୍ ଉପରେ ପ୍ରଭାବ ପଡ଼ିଛି।

### ୟୁଜିସି-ନେଟ୍ ...

ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅନଲାଇନ ମୋଡରେ ପରୀକ୍ଷା ଅନୁଷ୍ଠିତ ହେବ। ଏହାରି ମଧ୍ୟରେ କେନ୍ଦ୍ର ସରକାର ପରୀକ୍ଷାକୁ ବାତିଲ କରିବାକୁ ନେଇ କିଛି ପ୍ରାର୍ଥୀ ଚ୍ୟାଲେଞ୍ଜ କରିଥିଲେ। ଆସି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରି ଆବେଦନକୁ ଖାରଜ କରି ଦେଇଛନ୍ତି। ଏଭଳି ଆବେଦନ ଦ୍ୱାରା ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପରୀକ୍ଷା ଅଗଷ୍ଟ ୨୧ରେ ହିଁ ଅନୁଷ୍ଠିତ ହେବ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

### ୫ ବର୍ଷ ପରେ ଓଡ଼ିଶାରେ...

ଆପତ୍ତି ଜନକ ୪ ଡିସିମିଲ୍ ଜମି ଯୋଗାଇ ଦିଆଯିବ। ସେହିପରି ସହରାଞ୍ଚଳରେ ବିଭିନ୍ନ ବସ୍ତିରେ ବସବାସ କରୁଥିବା ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ପୋଜେସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମ୍ୟୁନିସିପାଲିଟି ତରୁଫରୁ ଦିଆଯାଉଥିବା ସେହି ପୋଜେସନ୍ ସାର୍ଟିଫିକେଟ୍‌କୁ କେମିତି ରାଜସ୍ୱ ବିଭାଗର ମୋହର ଲାଗିବ, ସେହି ବାବଦରେ ଅଧ୍ୟୟନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ଭାରତ ସରକାର ଜଳ ଓ ଜଙ୍ଗଲ ଆଇନ୍‌ର ସଂଶୋଧନ କରିଥିଲେ। ଯେଉଁଥିରେ ଜନଜାତିର ଲୋକଙ୍କୁ ଜଙ୍ଗଲର ଅଧିକାର ଦେଇଥିଲେ। ତେଣୁ ସେମାନଙ୍କୁ ଜଙ୍ଗଲ କିଶମ ଜମିର ପଟ୍ଟା ପ୍ରଦାନ କରାଯିବ। ଯେଉଁମାନଙ୍କୁ ପଟ୍ଟା ପ୍ରଦାନ କରାଯିବ, ସେମାନଙ୍କୁ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିବାର ବ୍ୟବସ୍ଥା କରାଯିବ। ଆବାସ ଯୋଜନାରେ ଯେଉଁ ଘର ନିର୍ମାଣ ହେବ, ସେଥିରେ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟର ବ୍ୟବସ୍ଥା ରହିବ। ପ୍ରତି ଘରକୁ ପାଣି ଟେପ୍ ଓ ବିଦ୍ୟୁତ ସଂଯୋଗ କରାଯିବ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପହଞ୍ଚାଇବାର ବ୍ୟବସ୍ଥା କରିବୁ। କେବଳ ଜମି ପଟ୍ଟା ନୁହେଁ, ୫ ବର୍ଷରେ ଆମେ ଘରର ପୂର୍ଣ୍ଣାଙ୍ଗ ପେକେଜ ଗରିବ ଲୋକଙ୍କୁ ଯୋଗାଇଦେବୁ। ତେଣୁ ଠିକ୍‌ଠାକ୍ ଭାବେ ସର୍ଭେ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫ ବର୍ଷ ପରେ ଓଡ଼ିଶାରେ ଏମିତି କେହି ଗରିବ ଲୋକ ରହିବେନି, ଯାହାର ନିଜସ୍ୱ ଘର ଡିହ ପଟ୍ଟା ନଥିବ। ସର୍ଭେ ଓ ଆବଣ୍ଟନ କାମ ଆରମ୍ଭ ହେଲାଣି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ହୀରାକୁଦ ବନ୍ଧ ପାଇଁ ଯେଉଁମାନେ ବାସଚ୍ୟୁତ ହୋଇଥିଲେ, ସେମାନଙ୍କୁ ୧୦ ଡିସିମିଲ୍ ଲେଖାଏଁ ଜମି ଦେବାର କାର୍ଯ୍ୟକ୍ରମ ଚାଲିଛି। ସେହି ନିୟମ ଅନୁସାରେ ଝାରସୁଗୁଡ଼ାରେ ୪୪୦୦ ପଟା ଓ ସମ୍ବଲପୁରରେ ୨୨୦ ପଟ୍ଟା ବାଣ୍ଟି ସାରିଲୁଣି। ୭୫ ବର୍ଷ ପୂର୍ବେ ଯେଉଁମାନଙ୍କ ପ୍ରତି ଅନ୍ୟାୟ ହୋଇଥିଲା, ଆମେ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

### ବାଲେଶ୍ୱର ଜିଲ୍ଲାପାଳ ...

କରିଛନ୍ତି । ଜିଲ୍ଲାର ଦୁର୍ବଳତମ ବ୍ୟକ୍ତିଙ୍କ ନିକଟରେ ପହଂଚିବ ପ୍ରଶାସନ ଓ ଦକ୍ଷତାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ । ସୂଚନାଯୋଗ୍ୟ, ୨୦୧୮ ବ୍ୟାଚ୍ ଓଡ଼ିଶା କ୍ୟାଡରର ଏହି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପୂର୍ବରୁ ସମ୍ବଲପୁରର ଉପଜିଲ୍ଲାପାଳ, ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିସନର ଓ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ କାର୍ଯ୍ୟକରି ବେଶ ଲୋକପ୍ରିୟତା ଅର୍ଜନ କରି ସାରିଛନ୍ତି ।

## ଜନତା ବନ୍ଧୁ ପକ୍ଷରୁ ବନ ମହୋତ୍ସବ



ରୂପସା, ୧୨/୮ (ନି.ପ୍ର): ବାଲେଶ୍ୱର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜନତା ବନ୍ଧୁ ପକ୍ଷରୁ ଆଜି ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ବସ୍ତା ଥାନା ଅନ୍ତର୍ଗତ ବାହାର୍ଦ୍ଦା ବଜାର ଠାରୁ ଗାନ୍ଧୀଛକ ବଜ୍ହାର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ସଂଗଠନର କର୍ମକର୍ତ୍ତା ୫୦ ରୁ ଉର୍ଦ୍ଧ ଫଳ ଚାରା,ଔଷଧ ଚାରା ରୋପଣ କରି ପରିବେଶ ସଚେତନତା ର ବାର୍ତ୍ତା ପ୍ରଦାନ କରିଥିଲେ । ସଂଗଠନର କର୍ମକର୍ତ୍ତା ସୁଶୀଲ କୁମାର ଭକ୍ତା, ସେକ ରାଜ, ସେକ ସାଇନୁର, ସେକ ମୁନ୍ନା, ସୁକାନ୍ତି ଭକ୍ତା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସ ଏବଂ ସମାଜସେବୀ ଚୈତନ୍ୟ ସାହୁ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ପାଇଁ ଯୁବ ସମାଜ ଆଗଭର ହେବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବନ ବିଭାଗର କର୍ମଚାରୀ, ସମାଜସେବୀ ଓ ପ୍ରକୃତି ପ୍ରେମୀ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜନତା ବନ୍ଧୁ ସଂଗଠନର ଏଭଳି ମହାନ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ମଙ୍ଗଳବାର, ୧୩ ଅଗଷ୍ଟ , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କାର୍ଯ୍ୟରେ ଯୋଗଦାନ କଲେ ମୟୂରଭଞ୍ଜର ନୂତନ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସଏ

ମୟୂରଭଞ୍ଜ, ୧୨/୮ (ନି.ପ୍ର): ସୋମବାର ଦିନ ମୟୂରଭଞ୍ଜର ନୂତନ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସଏ ଜିଲ୍ଲା ସଦର ମହକୁମା ବାରିପଦାସ୍ଥିତ ଜିଲ୍ଲାପାଳ ତଥା ଦଣ୍ଡାଧିକାରୀ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସଏଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ସମେତ, କଲେକ୍ଟରେଟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ଗଣ ସ୍ୱାଗତ ଜଣାଇ ଥିଲେ ଏବଂ ଶ୍ରୀ ସଏ ବିଦ୍ଧିବଦ୍ଧ ଭାବରେ ସରକାରୀ ନିୟମ ଅନୁସାରେ ଅଧିକାରୀକ ପତ୍ରରେ ଦାୟିତ୍ୱ ଗ୍ରହଣ କରିଥିଲେ। ସୂଚନାନୁସାରେ, ପଞ୍ଚାପୀଢ଼ ଉପଖଣ୍ଡ ପାଇଁ ସୋମବାର ଦିନ ଜନଶୁଣାଣୀ, ସଦର ମହକୁମା କରଞ୍ଜିଆ ଠାରେ ଥିବା ବେଳେ, ଜିଲ୍ଲାପାଳ କରଞ୍ଜିଆ ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଏବଂ ସେଠାରୁ ଫେରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ତଥା ଘରେ ଘରେ ତ୍ରିରଙ୍ଗା ସମାରୋହ ପାଇଁ ସମସ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବେ। ଜିଲ୍ଲାପାଳ ଶ୍ରୀ ସଏ ଏହା ପୂର୍ବରୁ ନୂଆପଡା ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ୨୦୧୭ ବ୍ୟାଚର ଭାରତୀୟ ପ୍ରଶାସନିକା ସେବା ଅଧିକାରୀ ଶ୍ରୀ ସାଏ ଏହା ପୂର୍ବରୁ କୋରାପୁଟରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଜଣେ ମେଳାପୀ ଏବଂ ମିଷ୍ଟଭାଷୀ ବ୍ୟକ୍ତି ଭାବେ ପ୍ରସିଦ୍ଧ ଶ୍ରୀ ସଏଙ୍କ ନିଜ ଘର କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳରେ। ମୟୂରଭଞ୍ଜ ଜିଲ୍ଲା ସହିତ ଶ୍ରୀ ସାଏଙ୍କ ସମ୍ପର୍କ ଅତି ନିବିଡ... ଆଇଏଏସ ଶିକ୍ଷାନବୀଷ ଭାବରେ ସେ ମୟୁରଭଞ୍ଜ ଜିଲ୍ଲାରେ ମଧ କାର୍ଯ୍ୟ କରିଛନ୍ତି ବୋଲି ମଧ ସୂଚନା ପ୍ରାପ୍ତ। ମୟୁରଭଞ୍ଜ ଜିଲ୍ଲା ଜଣେ ଓଡ଼ିଆ ଆଇଏଏସ ଅଧିକାରୀଙ୍କୁ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାପାଳ ରୂପରେ ଅନେକ ଦିନ ପରେ ପାଇଥିବାରୁ ଜନ ମାନସରେ ଏକ ଅଭୁତ ପୂର୍ବ ଖୁସି ପରିଲକ୍ଷିତ ହୋଇଛି।



# ରୂପସାରେ ଗଜ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ




ବସ୍ତା, ୧୨/୮ (ନି.ପ୍ର): ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ରୂପସାସ୍ଥିତ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଜ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ରାଉତ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ଉପାଦେୟତା ଓ ଗୁରୁତ୍ୱ ସମ୍ବନ୍ଧରେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଆଲୋକପାତ କରିବା ସହ ଆଗାମୀ ଦିନରେ ହାତୀ ସୁରକ୍ଷା ନିମିତ୍ତ ମାନବ ସମାଜକୁ ସଚେତନ ହେବା ସହ ସବୁଜ ବଳୟ ସୃଷ୍ଟି କରିବାକୁ ପଡ଼ିବ ବୋଲି ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଯୋଗ ଦେଇଥିଲେ । ଜଙ୍ଗଲ ଧ୍ୱଂସ ଓ ବନ୍ୟଜନ୍ତୁ ମାନଙ୍କର ଆବାସସ୍ଥଳୀର ଧ୍ୱଂସ ହାତୀ ମାନଙ୍କର ଜୀବନ ପାଇଁ ବିପଦର ପ୍ରମୁଖ କାରଣ ଏବଂ ହାତୀ ମାନଙ୍କର ସୁରକ୍ଷା ନିମିତ୍ତ ମାନବ ସମାଜକୁ ସଚେତନ ହେବା ସହ ଜନସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଶେଷରେ ଚକ୍ରଧର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବିରେ ବ୍ଲକ ସମ୍ମୁଖରେ ଧାରଣା

ଜଳେଶ୍ୱର , ୧୨/୮ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନିର୍ମାଣ ଶ୍ରମିକ ମାନଙ୍କର ବହୁବିଧ ସମସ୍ୟା ରହିଥିବା ବେଳେ ସହ ଶ୍ରମ ଅଧିକାରୀ ଜଳେଶ୍ୱର ବ୍ଲକ ପରିସରରେ କାର୍ଯ୍ୟ କରୁନଥିବାରୁ ଆଜି ଶ୍ରମିକ ସଂଘ (ସିଆଇଟିୟୁ) ପକ୍ଷରୁ ୭ଦଫା ଦାବିରେ ଗଣ ଧାରଣା ଅନୁଷ୍ଠିତ ହୋଇ ଯାଇଛି । ଦାବୀ ଗୁଡିକ ମଧ୍ୟରେ ପ୍ରତି ବ୍ଲକରେ ସହ ଶ୍ରମ ଅଧିକାରୀ ବ୍ଲକ ପରିସର କାର୍ଯ୍ୟାଳୟରେ ରହି ବିଭିନ୍ନ ଶ୍ରେଣୀର ଶ୍ରମକଙ୍କର ସମସ୍ୟ ଦୂର କରିବା ନିୟମ ଥିବା ବେଳେ ଜଳେଶ୍ୱରରେ ରହୁନଥିବାରୁ ସୁବନ୍ଦୋବସ୍ତ କରିବା, ଆବେଦନ କରିଥିବା ସମସ୍ତ ଶ୍ରମିକଙ୍କୁ ପରିଚୟପତ୍ର ଓ ସହାୟତାରାଶୀ ମଂଜୁର, ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରି ପଂଚାୟତଦ୍ୱାରୀ ନାମ ପଂଜିକରଣ କରିବା, ଜିଲା ଶ୍ରମ କାର୍ଯ୍ୟଳୟରେ ସ୍ଥାୟୀ ଡିଏଲ୍‌ସି ରହିବା, ଅନ୍‌ଲାଇନ୍‌ରେ ଆବେଦନ କରିବାର ପଦ୍ଧିତର ସରଳିକରଣ । ୧୩ ବିଦ୍ୟାଳୟରୁ ୧୪ଜଣ ପାଚିକାଙ୍କୁ ଛଟେଇ ନ କରିବା, ବ୍ଲକରୁ ମେରେଜ ଭେରିଫିକେସନ ଓ ୬୦ବର୍ଷ ପୂର୍ବରୁ ସହାୟତା ଲାଗି ଆବେଦନ କରିଥିବା ବ୍ୟକ୍ତିଙ୍କୁ ପୁଣି ସୁଯୋଗ ଦେବା, କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧିନ ଫେଡ୍ରେସନକୁ ଗୁରୁତ୍ୱ ଦେଇ ଆନୁପାତିକ କର୍ମଚାରୀ ନିଯୁକ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲା । ଏଥିରେ ଚନ୍ଦନ କାମିଳା, ସସ୍ମତତା ପ୍ରମାଣିକ, ଲକ୍ଷ୍ମିକାନ୍ତ ଦାସ, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ଗିରି ଏହାର ନେତୃତ୍ୱ ନେଇଥିଲେ ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବିଧାୟକ ଓ ଜିଲ୍ଲାପାଳଙ୍କୁ କ୍ରିୟାନୁଷ୍ଠାନ ସମିତିର ଦାବିପତ୍ର ପ୍ରଦାନ



ବାଲେଶ୍ୱର, ୧୨/୮ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରର ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗତ ୩ବର୍ଷ ଧରି ଦାବି ଓ ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି। ସମିତିର ସଭାପତି ଡକ୍ଟର କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଗତ ଆର୍ଥିକବର୍ଷର ଆୟବ୍ୟୟ ବୈଠକରେ ଉପସ୍ଥାପନା କରିଥିଲେ। ସଭାପତି ଡ. ପଣ୍ଡା ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଅଛି। ସଦର ବିଧାୟକ ଶ୍ରୀଯୁକ୍ତ ଦତ୍ତ ଏକ ସର୍ଭେ ପାର୍ଟି ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ପଠାଇବା ପାଇଁ ଅନୁରୋଧ କରିବେ ବୋଲି ସଭାରେ ସଭାପତି ଜଣାଇଥିଲେ। ସେହିପରି ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଅଛି। ସ୍ମାରକପତ୍ରର ଏକ କପି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ମଧ୍ୟ ଦିଆଯାଇଛି । ବୈଠକର ନିଷ୍ପତ୍ତି ଅନୁସାରେ ଆଗାମୀ ମାସରେ ଆଞ୍ଚଳିକ ବୈଠକ ପରେ ଜିଲ୍ଲା ବାର୍ଷିକ ସମ୍ମିଳନୀ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ହେବାପାଇଁ ସ୍ଥିରୀକୃତ ହୋଇଛି। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ଡକ୍ଟର କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ହରନାରାୟଣ ମହୁଆଳ, ଭୂପତି କୁମାର ପାତ୍ର, ଅନନ୍ତ କୁମାର ଦତ୍ତ, ମନୋଜ କୁମାର ବେହେରା, ମନ୍ମଥ ପାତ୍ର, ମନୋଜ କୁମାର ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ରବି କୁମାର ପାଣିଗ୍ରାହୀ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜଳାଭିଷେକ କଲେ ୬ଶହରୁ ଉର୍ଦ୍ଧ୍ୱ କାଉଁଡିଆ

ବସ୍ତା, ୧୨/୮ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଜଳକା ପ୍ରଜେକ୍ଟ ଶାନ୍ତି କମିଟିର ସଭାପତି ଅଶୋକ କୁମାରଦାସ ଙ୍କ ତତ୍ତ୍ୱାବଧାନରେ ସମୋବାର ୫ବର୍ଷରୁ ୧୬ ବର୍ଷର ପୁଅଝିଅ ୩ଶହ ୪୦ଜଣ ଓ ମହିଳା ଯୁବକ ୧ଶହ ୨୦ଜଣ ମୋଟ୪୬୦ଜଣ କାଉଁଡିଆ ମଥାନୀ ମେଳନ ପଡିଆ ନିକଟସ୍ଥ ଜଳକାନଦୀରୁ ପାଣି ଉତ୍ତୋଳନକରି ବାବା ସିଦ୍ଧେଶ୍ୱର ତାଡକେଶ୍ୱର ଓ ବଟେଶ୍ୱର ଶୈବ ପିଠ ପରିକ୍ରମାକରୀ ପାଣି ଢାଳିଥିଲେ । ବସ୍ତା ଥାନା ଓ ଦମକଳ ବାହିନୀ ସହଯୋଗ କରିଥିଲେ । ସମ୍ପାଦକ ବିଜୟକୁମାର ଭୂୟାଁ, ରବିନ୍ଦ୍ର ଓଝା, ଗାନ୍ଧି ସାହ, ମୁନା ଦାସ, ବିଜୁ ଗିରି. ସମେତ କମିଟିର ସମସ୍ତ ସଦଶ୍ୟ ପରିଚାଳନା କରିଥିଲେ ଜଳାଭିସେକ ପରେ କାଉଁଡିଆ ମାନେ ପ୍ରସାଦ ସେବନ କରିଥିଲେ।

# କାଉଡ଼ିଆମାନଙ୍କୁ ସେବା ଯୋଗାଇଲେ ଦୁଇ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀ

ନୀଳଗିରି, ୧୨/୮ (ନି.ପ୍ର): ନୀଳଗିରି ଶିକ୍ଷାଜିଲ୍ଲା ଅଧୀନ ନରଣପୁର ଏବଂ ମାଟିଆଳି କ୍ଲଷ୍ଟର ଅଧୀନସ୍ଥ ପ୍ରାୟ ସମସ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ନେଇ ଭାଲୁକାଶୁଣି ଛକ ଠାରେ ଉକ୍ତ ରାସ୍ତା ଦେଇ ଯାଉଥିବା କାଉଡ଼ିଆ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଏକ ସେବାକେନ୍ଦ୍ର ପ୍ରତିଷ୍ଠା କରି ଶ୍ରଦ୍ଧାର ସହିତ ସେବା ଯୋଗାଇ ଦିଆଯାଇଛି। ଏହି କେନ୍ଦ୍ରରେ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ଜଳ ଯୋଗାଣ ସହ ଟିଫିନ୍ ଓ ଚାହା ବ୍ୟବସ୍ଥା କରାଯାଇ ବଣ୍ଟନ କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ପାଦସେବା ମଧ କରାଯାଉଥିବାର ଲକ୍ଷ୍ୟ କରାଯାଇଥିଲା। କେବଳ ଏହି କାଉଡ଼ିଆ ସେବା ନୁହେଁ ପ୍ରତିବର୍ଷ ଏହିଭଳି ବିଭିନ୍ନ ସାମାଜିକ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଉକ୍ତ କ୍ଲଷ୍ଟରର ସିଆରସିସି ରୂପକ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଶିକ୍ଷକ ନେତା ଅକ୍ଷୟ କୁମାର ଦାସଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ନରଣପୁର ସରପଞ୍ଚ ଦିପ୍ତିରାଣୀ ସିଂ ଯୋଗ ଦେଇଥିଲେ। ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ସିଂ, ଗୁଣନିଧି ନାୟକ, ସୁଶାନ୍ତ ରଣାସିଆ, ମଙ୍ଗଳ ସିଂ, ରତିକାନ୍ତ ନାୟକ, ରାଧାଗୋବିନ୍ଦ ପଣ୍ଡା, ରତିକାନ୍ତ ସିଂ, ବାଇଧର ମାଝୀ, ଅନନ୍ତ ନାୟକ, ସୁନାରାମ ମାଝୀ, ବାସନ୍ତୀ ବେହେରା, ଭାରତୀମଣି ବିଶ୍ୱାଳ, ଲକ୍ଷ୍ମୀରାଣୀ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ମାନଙ୍କର ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ତରଫରୁ ପ୍ରଶଂସା କରାଯାଇଛି।




# ସ୍ୱର୍ଗତଃ ସୁଶାନ୍ତି ବାରିକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା





ବାଲିଆପାଳ/ଲଙ୍ଗଳେଶ୍ୱର, ୧୨/୮ (ନି.ପ୍ର): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଅଧିନସ୍ଥ ବିଶ୍ୱନାଥପୁର ଗ୍ରାମର ଗଗନ ବାରିକଙ୍କ ପତ୍ନୀ ସ୍ୱର୍ଗତଃ ସୁଶାନ୍ତି ବାରିକଙ୍କ ଏକାଦଶାହରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ,ମାନ୍ୟବର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ତାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ କୁମାର ଜେନା,ଜିଲ୍ଲା କୃଷକ ସେଲ ସଭାପତି ଅଜୟ କୁମାର ସାମଲ,ବରିଷ୍ଠ ନେତା ଭଗବାନ ଗିରି,ପୂର୍ବତନ ସରପଞ୍ଚ ମନ୍ମଥ ଗିରି,କମଳ ଲୋଚନ କର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି,ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ, ଆତ୍ମୀୟସ୍ୱଜନ, ବନ୍ଧୁ ବାନ୍ଧବ ଏବଂ ଗ୍ରାମବାସୀମାନେ ଉପସ୍ଥିତ ରହି ସ୍ୱର୍ଗତଃ ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜଣେ ସରଳ, ଅମାୟିକ ଏବଂ ଧର୍ମପରାୟଣା ବ୍ୟକ୍ତି ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗଗନଙ୍କ ସାନଭାଇ ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ବାରିକ ଏବଂ ପରିବାର ବର୍ଗ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଖଇରାରେ ପ୍ରଥମ ବାଚସ୍ପତିଙ୍କ ୧୩୮ତମ ଜୟନ୍ତୀ ପାଳିତ



ଖଇରା, ୧୨/୮ (ନି.ପ୍ର): ସ୍ୱତନ୍ତ୍ର ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ସ୍ୱର୍ଗତ ମୁକୁନ୍ଦ ପ୍ରସାଦ ଦାସଙ୍କ ୧୩୮ତମ ଜନ୍ମ ଜୟନ୍ତୀ ସୋମବାର ଦିନ ଖଇରା ଶିକ୍ଷକ ସଂଘ ଭବନ ପରିସରରେ ପାଳିତ ହୋଇ ଯାଇଛି । ସ୍ମୃତି କମିଟିର ଉପସଭାପତି ବୃନ୍ଦିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ଖଇରା ବିଡିଓ ଅନନ୍ତ କୁମାର ହାଁସଦା ମୁଖ୍ୟଅତିଥି, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ମୁକ୍ତିକାନ୍ତ ଶତପଥି, କୃଷ୍ଣଚନ୍ଦ୍ର ପତ୍ରୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।ପୁଣ୍ୟାତ୍ମା ମାନେ ସେମାନଙ୍କର ଯଶ କିର୍ତ୍ତୀ ଭିତରେ ବଞ୍ଚି ରହନ୍ତି । ମୁକୁନ୍ଦ ବାବୁ ସେହିଭଳି ଜଣେ ମଣିଷ ଥିବା ବେଳେ ଆମ ଖଇରାର ଗର୍ବ ଓ ଗୌରବ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ । ତାଙ୍କର ଏକ ପ୍ରତିମୁର୍ତ୍ତୀ ବ୍ଲକ ପରିସରରେ ତିଆରି ପାଇଁ ବିଡିଓ ପ୍ରସ୍ତାବ ଦେବା ପରେ ଏହାକୁ ସମସ୍ତେ ସ୍ୱାଗତ କରିଥିଲେ । ଆବାହକ ଅଭିରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଥମେ ସ୍ମୃତି କମିଟିର ସଦସ୍ୟମାନେ ଅସୁସ୍ଥଥିବା ସଭାପତି ଉମେଶ ନାୟକଙ୍କୁ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଥିଲେ ।

# ଶିକ୍ଷକ ଅଭାବ ପ୍ରତିବାଦରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଧାରଣା

ଖଇରା, ୧୨/୮ (ନି.ପ୍ର): ଖଇରା ବ୍ଲକ ଅଧୀନ ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲା ଅନୁଯାୟୀ ଆବଶ୍ୟକ ଶିକ୍ଷକ ନରହିବା ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଅଭିଭାବକ ଛାତ୍ରୀଛାତ୍ର ମାନେ ବିଦ୍ୟାଳୟ ଗେଟରେ ତାଲା ଦେଇ ଧାରଣାରେ ବସି ରହିଥିଲେ । ପରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ଧାରଣାସ୍ଥଳରେ ପହଞ୍ଚି ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶୃତି ଦେବା ପରେ ଅଭିଭାବକ ମାନେ ଧାରଣାରୁ ଉଠିଥିଲେ । ବର୍ତ୍ତମାନ ବିଦ୍ୟାଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୩୩ଜଣ ପିଲା ପଢୁଥିବା ବେଳେ ଏଥିପାଇଁ ମାତ୍ର ୨ଜଣ ଶିକ୍ଷୟତ୍ରୀ ଓ ଶିକ୍ଷକ ଅଛନ୍ତି। ୧ବର୍ଷ ମଧ୍ୟରେ ୩ଜଣ ଅବସର ନେଇସାରିଥିବା ବେଳେ ସେହି ପଦବୀ ଗୁଡିକ ଏ ପର୍ଯ୍ୟନ୍ତ ପୁରଣ କରାଯାଉନାହିଁ। ଯାହା ଫଳରେ ପିଲା ମାନଙ୍କ ପାଠ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଯଥାଶୀଘ୍ର ଶିକ୍ଷକ ପଦବୀ ପୁରଣ ପାଇଁ ଏହି ଧାରଣା ଦିଆଯାଇଥିଲା।

# ପଂଚାୟତିରାଜ ମନ୍ତ୍ରୀଙ୍କୁ ଭେଟିଲେ ଗାଁସାଥୀ

ଭୁବନେଶ୍ୱର, ୧୨/୮ (ନି.ପ୍ର): ଗାଁସାଥୀ (ମେଟ୍)ଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ, ରାଜ୍ୟରେ ଫାଙ୍କାଥିବା ସମସ୍ତ ୭ ହଜାରରୁ ଉର୍ଦ୍ଧ୍ୱ ଜି.ଆର.ଏସ୍. ପୋଷ୍ଟରେ ଯୋଗ୍ୟ ଗାଁସାଥୀ (ମେଟ୍)ଙ୍କୁ ନିଯୁକ୍ତି ସମେତ ୪ ଦଫା ଦାବିର ତୁରନ୍ତ ସମାଧାନ ପାଇଁ ଆଜି ରାଜ୍ୟ ପଂଚାୟତିରାଜ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ରାଜ୍ୟରେ ଥିବା ଗାଁସାଥୀ (ମେଟ୍) ଙ୍କର ଏକମାତ୍ର ପଞ୍ଜିକୃତ ସଂଗଠନ "ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୬ଜଣିଆ ପ୍ରତିନିଧି ଦଳ ଯାଇ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସୋମବାର ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି । ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ସଂଘର ସମସ୍ତ ଦାବି ଶୁଣିବା ସହ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଲିଖିତ ନିର୍ଦ୍ଦେଶ ମଧ ଦେଲେ ।

# ମିଳିତ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରାଜଧାନୀରେ ମହାସଂଗ୍ରାମ ପାଇଁ ବୈଠକ

ଭଦ୍ରକ, ୧୨/୮ (ନି.ପ୍ର): ମିଳିତ ଶିକ୍ଷକ ସମନ୍ୱୟ ସମିତି ଭଦ୍ରକ ଜିଲ୍ଲା ତରଫରୁ ଓଷ୍ଟା ସଭା ଗୃହରେ ଏକ ବୈଠକ ଓଷ୍ଟା ର ସଭାପତି ଶଶି ଶେଖର କର ଶର୍ମା। ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଅଛି। ଶିକ୍ଷକ ମାନଙ୍କର ନ୍ୟାର୍ଯ୍ୟ ଦାବି ପେନସନ, ବିଦ୍ୟାଳୟ ଅନୁଦାନ ରୁ ବଂଚିତ ହୋଇଥିବା ୧୯୪ ବିଦ୍ୟାଳୟର ଶିକ୍ଷକ ତଥା କର୍ମଚାରୀଙ୍କୁ ଦରମା ପ୍ରଦାନ , ଅତିଥି ଶିକ୍ଷକ ମାନଙ୍କ ର ଉପଯୁକ୍ତ ପ୍ରାପ୍ୟ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଅବସର ପ୍ରାପ୍ତ ଶିକ୍ଷକ ସଂଘ ସଂପାଦକ ଅମର କୁମାର ପାଣିଗ୍ରାହୀ, ଓଷ୍ଟା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସଂସ୍କୃତ ଟୋଲ କର୍ମକର୍ତ୍ତା ହରେକୃଷ୍ଣ ପାଣିଗ୍ରାହୀ, ଉପେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ମହାପାତ୍ର, ମଦ୍ରାସା ସଂଘ୍ ର ସେଖ ଅବତବ୍, ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ପ୍ରଭାକର ପରିଡ଼ା ପ୍ରମୁଖ ସରକାରଙ୍କର ବୈମାତୃକ ମନୋଭାବ ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ସର୍ବ ସମ୍ମତି କ୍ରମେ ଆଗାମୀ ୧୬ ତାରିଖରେ ଭୁବନେଶ୍ୱର ରେ ହେବାକୁ ଥିବା ମହାସମାବେଶକୁ ସଫଳ କରିବାକୁ ନିଷ୍ପତି ନିଆଯାଇଥିଲା।



# ସାରଗାଁରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାଲେଶ୍ୱର, ୧୨/୮ (ନି.ପ୍ର): ସାରଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ସଂକଳ୍ପ ସଂଗଠନ ଦ୍ୱାରା ଆୟୋଜିତ ହୋଇଯାଇଛି ।ଉକ୍ତ ରକ୍ତଦାନ ଶିବିରକୁ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବିଧାୟକ ସଦର ମାନସ କୁମାର ଦତ୍ତ,ସମାଜସେବୀ ଦୀନବନ୍ଧୁ ସାମଲ ଉଦଘାଟନ କରିଥିଲେ। ସଂକଳ୍ପ ସଙ୍ଗଠନର ସଭାପତି ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ୬୮ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତ ଦାନ ଏକ ମହତ୍ ଦାନ,ଏବେ ରକ୍ତର ଅଭାବ ବହୁ ପରିମାଣରେ ଥିବାବେଳେ ସଂକଳ୍ପ ସଂଗଠନ ତରଫରୁ ଏପରି ମହାନ୍ କାମ କରିଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ଶ୍ରୀ ଦାସ ସାଧୁବାଦ୍ ଜଣାଇଥିଲେ ।ବିଧାୟକ ମାନସ ଦତ୍ତ ସଙ୍ଗଠନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହିଭଳି କାର୍ଯ୍ୟ ଆଗକୁ ଅଧିକରୁ ଅଧିକ କରିବାକୁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମିତି ସଭ୍ୟ ସୂର୍ଯ୍ୟ କୁମାର ମିଶ୍ର,ପଞ୍ଚାୟତ ସଭାପତି ରଣଜିତ୍ ଦାସ,ତାପସ କୁମାର ପାତ୍ର,ଗଣେଶ ନାୟକ,ରତିକାନ୍ତ ପାତ୍ର,ସୁଧାଂଶୁ ନାୟକ,ବିକର୍ତନ୍ ରାୟ,ଗିରିଶ କୁମାର ପରିଡ଼ା ଇତ୍ୟାଦି ସହଯୋଗ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo